## ଆଜି କ'ଣ କେଉଁଠି

ବାସୁଦେବପୁର

- ୭୭ ତମ ଶହୀଦ ସ୍ମୃତି ଦିବସ, ସ୍ଥାନ: ରକ୍ତତୀର୍ଥ ଇରମ, ବାସୁଦେବପୁର, ସମୟ: ସକାଳ ୭ରୁ ରାତି ୯ ଟା ପର୍ଯ୍ୟନ୍ତ।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର: ଯୁବକ ଗିରଫ

ତିହିଡ଼ି, ୨୭।୯ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଞ୍ଚଳରୁ ଗତ ଅଗଷ୍ଟ ୨୮ ତାରିଖରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ଶୁକ୍ରବାର ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ କ୍ଷୀରିକୋଣା ଅଞ୍ଚଳରୁ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିଛି। ଏଥିସହ ଅପହରଣକାରୀ ଯୁବକଙ୍କୁ ତିହିଡ଼ି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ବାସୁଦେବପୁର ଥାନା ଅରଣ୍ଡୁଆ ଗ୍ରାମର ଗୌରାଙ୍ଗ ଜେନା। ତାଙ୍କ ଝିଅକୁ ଗୌରାଙ୍ଗ ଅପହରଣ କରି ନେଇଥିବା ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ତିହିଡ଼ି ଥାନା ପୋଲିସ ଏକ ମାମଲା(ନଂ.୩୮୯/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

### ବିଜ୍ଞାନ ସେମିନାରରେ ୨୪ ପ୍ରତିଯୋଗୀ

ଧାମନଗର, ୨୭।୯ (ଡି.ଏନ.ଏ.): ଧାମନଗର ସରକାରୀ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। 'ପର୍ଯ୍ୟାୟସାରଣୀରେ ଥିବା ରାସାୟନିକ ଉପାଦାନ ମାନବ କଲ୍ୟାଣ ପାଇଁ କେତେ ଉପଯୋଗୀ' ଶୀର୍ଷକରେ ଆଲୋଚନା ହୋଇଥିଲା। ୨୪ଟି ବିଦ୍ୟାଳୟରୁ ୨୪ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିରେ ଅଧ୍ୟକ୍ଷତା କରିଥିଲେ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେନାପତି। ମୁଖ୍ୟଅତିଥି ଭାବେ ବିଇଓ ପବିତ୍ର ମୋହନ ବାରିକ ଏବଂ ସମ୍ମାନିତ ଅତିଥି ଭାବେ ଧାମନଗର କଲେଜ ଅଧ୍ୟକ୍ଷ ସୁରଞ୍ଜନ ପଣ୍ଡା, ବ୍ଲକ ବିଜ୍ଞାନ ସଂଯୋଜକ ଅକ୍ଷୟ କୁମାର ହୋତା ଯୋଗ ଦେଇଥିଲେ। ବିଚାରକ ଭାବେ ଅଧ୍ୟାପକ ହିମାଂଶୁ ସାହୁ ଏବଂ ଅଧ୍ୟାପକ ବନମାଳି ଦାସ ଯୋଗଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ଭାସ୍କର ଦାସ, ଶିକ୍ଷକ ପ୍ରିୟଦର୍ଶୀ କୁଅଁର, ମନୋଜ କୁମାର ଜେନା ଓ ଶିକ୍ଷୟିତ୍ରୀ ସସ୍ମିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁରଲୀଧର ଉଚ୍ଚ ବିଦ୍ୟାଳୟର ଅଭିଲିପ୍ସା ମହାନ୍ତି ପ୍ରଥମ, ବମକୁରା ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ର ରୁଦ୍ରନାରାୟଣ କର ଦ୍ୱିତୀୟ ଏବଂ କିଲାଟେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟର ପୂଜାରାଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି।

### ନାବାଳିକା ଅପହରଣ ଅଭିଯୋଗ

ପଦ୍ମପୁର, ୨୭।୯ (ଡି.ଏନ.ଏ.): ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ଥାନା ଅନ୍ତର୍ଗତ କିସମତ କୃଷ୍ଣପୁରର ଜଣେ ଯୁବକ ସହଯୋଗୀମାନଙ୍କ ସହ ମିଶି ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଗତ ୨୬ ତାରିଖ ଭୋର ସମୟରେ ଗାନ୍ଧୀନଗର ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଛି। ଏ ନେଇ ଅଭିଯୋଗ କ୍ରମେ କଷିଆ ଥାନା ପୋଲିସ ମାମଲା(ନଂ.୪୪/୧୯) ରୁଜୁ କରି ତଦନ୍ତ ଚଳାଇଛି।

### ଛାୟାମୁଦ୍ରା ଜିଲାସ୍ତରକୁ ମନୋନୀତ

ବନ୍ତ, ୨୭।୯ (ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସିନ୍ଧୁକେଶ୍ୱର ନୋଡାଲ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ ଛାୟାମୁଦ୍ରା ପୃଷ୍ଟି ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଆଲୋଚନା ଚକ୍ରରେ ବ୍ଲକର ୧୭ଟି ହାଇସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପାଢ଼ୀ। ବିଚାରକ ଭାବେ ବନ୍ତ କଲେଜର ରସାୟନ ବିଜ୍ଞାନ ଅଧ୍ୟାପକ ରାଜେଶ କୁମାର ଲେଙ୍କା, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଅଜିତ୍ କୁମାର ବିଶ୍ୱାଳ ଓ ଏସ୍‌ଆର୍‌ଏସ୍ ଆବାସିକ ଯୁକ୍ତ ୨ ବିଜ୍ଞାନ କଲେଜର ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଜ୍ୟୋତିର୍ମୟୀ ଜେନା ଦାୟିତ୍ୱ ତୁଲାଇଥିଲେ।

# ଶହୀଦଙ୍କ ଦାୟାଦ, ପରିବାରକୁ ଉପେକ୍ଷା

**ଆଜି ଶହୀଦ ଦିବସ**

ବାସୁଦେବପୁର, ୨୭।୯ (ଡି.ଏନ.ଏ)



ଶହୀଦ ପୀଠ।

ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଭଦ୍ରକ ଜିଲା ବାସୁଦେବପୁରର ରକ୍ତତୀର୍ଥ ଇରମର ଅବଦାନ ସ୍ୱତନ୍ତ୍ର। ଆସନ୍ତା ଶନିବାର ୭୭ତମ ଶହୀଦ ଦିବସ ପାଳନ ହେବ। ଗର୍ବଗୌରବ ରକ୍ତତୀର୍ଥ ଇରମରେ ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖରେ ଶହୀଦ ସ୍ମୃତି ଦିବସ ପାଳନ ହେଉଛି। ମାତ୍ର ଶହୀଦ ଓ ସଂଗ୍ରାମୀଙ୍କ ପରିବାର ତଥା ଦାୟାଦମାନଙ୍କୁ ଉପେକ୍ଷା କରାଯାଉଛି। ସେମାନଙ୍କ ଆର୍ଥିକ, ସାମାଜିକ ବିକାଶ ପ୍ରତି ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ଏଯାଏ ଦୃଷ୍ଟିପଡ଼ିନି। ସେମାନଙ୍କ ପରିବାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ସେହିପରି ଶହୀଦମାନଙ୍କର ଶ୍ରଦ୍ଧାଞ୍ଜଳି ଉତ୍ସବ ପାଳନ ପାଇଁ ବିଭିନ୍ନ ସରକାରୀ ଅଫିସ, ବ୍ୟକ୍ତିବିଶେଷ, ବ୍ୟବସାୟିକ ପ୍ରତିଷ୍ଠାନ, କମ୍ପାନୀ ପକ୍ଷରୁ ଅର୍ଥ ଅଣାଯାଉଥିବା ବେଳେ ଏହା ଶହୀଦ ଓ ସଂଗ୍ରାମୀଙ୍କ ପ୍ରତି ଏକ ବଡ଼ ଅପମାନ ସଦୃଶ। ଚଳିତବର୍ଷ ପ୍ରଥମଥର କରି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ଥାନୀୟ ପର୍ଯ୍ୟଟନ ଉନ୍ନୟନ ପରିଷଦ ଓ ଶହୀଦ ସ୍ମୃତି କମିଟି ପକ୍ଷରୁ ପାଳନ ହେଉଥିବା ବେଳେ ଅର୍ଥ ଯୋଗାଡ଼ କ୍ଷେତ୍ରରେ ସମାନ ସମସ୍ୟା ଦେଖାଦେଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଆର୍ଥିକ ବନ୍ଦୋବସ୍ତ କରାଗଲେ ଶହୀଦ ସ୍ମୃତି ଦିବସ ଠିକ୍ ଭାବେ ପାଳନ ହୋଇପାରନ୍ତା ବୋଲି ସାମାଜିକ କର୍ମୀ କିଶୋର କୁମାର ମହାପାତ୍ର ମତ ପ୍ରକାଶ କରିଛନ୍ତି।

୧୯୪୨ ସେପ୍ଟେମ୍ବର ୨୮ରେ ଇରମ ଗୁଳିକାଣ୍ଡରେ ୨୯ ସଂଗ୍ରାମୀଙ୍କ ଆତ୍ମବଳିଦାନର କାହାଣୀ ଆଜି ବି ଜନମାନସରେ ତାଜା ହୋଇ ରହିଛି। ଏହି ଗୁଳିକାଣ୍ଡରେ ୫୬ରୁ ଊର୍ଦ୍ଧ୍ୱ ସଂଗ୍ରାମୀ ଆହତ ହୋଇଥିଲେ। ଇରମର ମେଳନ ପଡ଼ିଆରେ ଏହି ଗୁଳିକାଣ୍ଡ ହୋଇଥିଲା। ଇଂରେଜମାନଙ୍କୁ ଗମେଇ ନଦୀ ପାର କରାଇ ଦେଇ ନ ଥିବା କୁଶ ତରାଇ ଓ ସଭାସ୍ଥଳ ପୂର୍ବରୁ ବ୍ରିଟିଶ ପୋଲିସ ହାତରୁ ପୋଷାକ ଛଡ଼ାଇ ନେଇ ସେଥିରେ ପରିଶ୍ରା କରି ଦେଶପ୍ରେମ ନିଦର୍ଶନ କରିଥିବା ମଣିଭଦ୍ର ବେଜଙ୍କ ବୀରତ୍ୱ ମଧ୍ୟ ଶହୀଦ ସଂଗ୍ରାମୀଙ୍କଠାରୁ କମ୍ ନ ଥିଲା। ସେହିପରି ୧୨ ବର୍ଷର ବିଜୁଳି ଦାସ ଏହି ଶହୀଦମାନଙ୍କ ମଧ୍ୟରେ ସର୍ବକନିଷ୍ଠ ଥିବାବେଳେ ଇରମ ଗ୍ରାମର ପରିବେୱା ହେଉଛନ୍ତି ଏକମାତ୍ର ମହିଳା ଶହୀଦ। ପଡ଼ୁଆଁ ଗ୍ରାମରୁ ୧୭ ଜଣ ସଂଗ୍ରାମୀ ଇରମ ଗୁଳିକାଣ୍ଡରେ ଶହୀଦ ହେବା ଭାରତ ଇତିହାସରେ ଅନାଲୋଚିତ ହୋଇରହିଛି। ଏହି ଗୁଳିକାଣ୍ଡ ଘଟଣା ଇରମକୁ ଦ୍ୱିତୀୟ ଜାଲିଆନାୱାଲାବାଗର ମାନ୍ୟତା ଦେଉଛି। କିନ୍ତୁ ଗୁଳିକାଣ୍ଡର ୭୭ ବର୍ଷ ପରେ ମଧ୍ୟ ସରକାର ଓ ପ୍ରଶାସନ ଶହୀଦ ସଂଗ୍ରାମୀଙ୍କ ଉପଯୁକ୍ତ ମୂଲ୍ୟାୟନ କରିପାରି ନ ଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏ ସମ୍ପର୍କରେ ବିଡିଓ ପ୍ରଣବ ବେହେରାଙ୍କୁ ପଚାରିବାରୁ କହିଛନ୍ତି, ପର୍ଯ୍ୟଟନ ଉନ୍ନୟନ ପରିଷଦ ଏହି କିଛିଦିନ ହେଲା କାର୍ଯ୍ୟ ଆରମ୍ଭ କରିଛି। କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା। ଏଥିସହ ଶହୀଦଙ୍କ ପରିବାର, ଦାୟାଦଙ୍କ ବିକାଶ ପାଇଁ ପଦକ୍ଷେପ ନିଆଯିବ।

## ଇରମ ଚଳଚଞ୍ଚଳ

ବାସୁଦେବପୁରର ରକ୍ତତୀର୍ଥ ଇରମଠାରେ ଶନିବାର ୭୭ତମ ଶହୀଦ ଦିବସ ପାଳନ ହେବାକୁ ଥିବାବେଳେ ଇରମର ମେଳନ ପଡ଼ିଆ ଚଳଚଞ୍ଚଳ ହୋଇପଡ଼ିଛି। ଶନିବାର ସକାଳେ ସ୍କୁଲ ଛାତ୍ରୀଛାତ୍ରଙ୍କ ପ୍ରଭାତଫେରି ସାଙ୍ଗକୁ ଜିଲାପାଳ ଜାତୀୟ ପତାକା ଉତ୍ତୋଳନ କରିବେ। ଏହାପରେ ଶହୀଦଙ୍କ ଉଦ୍ଦେଶ୍ୟରେ ନଅଣ ପୋଖରୀରେ ତିଳତର୍ପଣ ସହିତ ଶହୀଦ ପୀଠ ଓ ସ୍ତମ୍ଭରେ ମାଲ୍ୟାର୍ପଣ କରାଯିବ। ସେହିପରି ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଏଥିସହ ଆରକ୍ଷୀ ବାହିନୀ ପକ୍ଷରୁ ଅମର ଶହୀଦଙ୍କ ଉଦ୍ଦେଶ୍ୟରେ ଶହୀଦ ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଅପରାହ୍ନରେ ଦେଶାତ୍ମବୋଧକ କବିତା ପାଠ ଏବଂ ସନ୍ଧ୍ୟାରେ ସାଧାରଣ ସଭା ଅନୁଷ୍ଠିତ ହେବ। ଏହି ସଭାରେ ଓଡ଼ିଆ ଭାଷା ସାହିତ୍ୟ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦିବସବ୍ୟାପୀ କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।



ଆରଡ଼ି ଆଖଣ୍ଡଳମଣି ପୀଠରେ ଗୁରୁବାର ମା' ଦୁର୍ଗାଙ୍କ ଜଗଦ୍ଧାତ୍ରୀ ବେଶ।

# ଆର୍‌ଟିଓ, ମେଡିକାଲରୁ ୨ ଦଲାଲ ଗିରଫ

ଭଦ୍ରକ ଅଫିସ, ୨୭।୯

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଗୁରୁବାର ଭଦ୍ରକ ଜିଲା ଚିକିତ୍ସାଳୟରୁ ୪ ଦଲାଲଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଥିଲା। ଶୁକ୍ରବାର ଏହି ଚିକିତ୍ସାଳୟରୁ ଅନ୍ୟ ଜଣେ ଦଲାଲଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୌରାଞ୍ଚଳ ଅଧୀନ କୁଆଁସ ଗ୍ରାମର ଲକ୍ଷ୍ମଣ ବେହେରା। ଏ ନେଇ ଥାନାରେ ଏକ ମାମଲା(ନଂ.୨୧୦/୧୯) ରୁଜୁ କରାଯାଇଛି। ସେହିଭଳି ଗ୍ରାମାଞ୍ଚଳ ଥାନା ପୋଲିସ ଆର୍‌ଟିଓରୁ ଜଣେ ଦଲାଲଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗ୍ରାମାଞ୍ଚଳ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ଶୁକ୍ରବାର ସକାଳେ ଏକ ଟିମ୍ ସାଦା ପୋଷାକରେ ଆର୍‌ଟିଓରେ ଘୂରି ବୁଲିବା ସମୟରେ ଏହି ଦଲାଲଙ୍କୁ ଧରିଥିଲା। ଗିରଫ ବ୍ୟକ୍ତି ଜଣଙ୍କ ହେଲେ ପୀରହାଟ ଅଞ୍ଚଳ ଖେଦରପୁର ଗ୍ରାମର ମୃତ୍ୟୁଞ୍ଜୟ ମହାନ୍ତି। ଏ ନେଇ ପୋଲିସ ମାମଲା(ନଂ. ୫୨୪/୧୯) ରୁଜୁ କରିଛି। ମୃତ୍ୟୁଞ୍ଜୟ ଆର୍‌ଟିଓକୁ ବିଭିନ୍ନ କାମ ପାଇଁ ଆସୁଥିବା ଲୋକଙ୍କୁ ପ୍ରବର୍ତ୍ତାଇ ସେମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ନେଉଥିଲେ ବୋଲି ଅଭିଯୋଗ ହୋଇଛି।

# ବାଲ୍ୟବିବାହ ବନ୍ଦ କଲା ଚାଇଲ୍ଡ ଲାଇନ

ଭଦ୍ରକ ଅଫିସ,୨୭।୯

ଭଦ୍ରକ ସାବରଙ୍ଗ ଅଞ୍ଚଳରେ ଶୁକ୍ରବାର ଏକ ବାଲ୍ୟବିବାହକୁ ବନ୍ଦ କରିଛି ଭଦ୍ରକ ଚାଇଲ୍ଡ ଲାଇନ। ମନ୍ଦିରରେ ବେଦୀ ବନ୍ଧା ସରିଥିଲା। ବନ୍ଧୁବାନ୍ଧବ ସାହିପଡ଼ୋଶୀ ବାହାଘର ଦେଖିବାକୁ ଅପେକ୍ଷା କରିଥିଲେ। ମାତ୍ର ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକଙ୍କ ନିର୍ଦ୍ଦେଶରେ ବାହାଘର ବନ୍ଦ କରାଯାଇଥିଲା। ନାବାଳିକାଙ୍କୁ ଉଦ୍ଧାର କରାଯାଇ ପରେ ତାଙ୍କ ବାପାଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନା ଅନୁସାରେ, ବାସୁଦେବପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ସାବରଙ୍ଗ ଅଞ୍ଚଳର ଜଣେ ଯୁବକଙ୍କ ସହ ବିବାହ ଲାଗି ଉଦ୍ୟମ କରାଯାଉଥିଲା। ବାହାଘରର ୨୦ ଭାଗ ପ୍ରକ୍ରିୟା ଶେଷ ହୋଇଥିଲା। ଭଦ୍ରକ ଚାଇଲ୍ଡ ଲାଇନ ଖବର ପାଇ ସାବରଙ୍ଗ ଫାଣ୍ଡି ପୋଲିସ ସହାୟତାରେ ସେଠାରେ ପହଞ୍ଚି ବଧୂ ବେଶରେ ଥିବା ନାବାଳିକାଙ୍କୁ ଆଣିଥିଲା। ଶିଶୁ ମଙ୍ଗଳ କମିଟି ନିକଟରେ ନାବାଳିକାଙ୍କୁ ଉପସ୍ଥାପନ କରାଯାଇଥିଲା। ସାବାଳିକା ନ ହେବା ପର୍ଯ୍ୟନ୍ତ ଝିଅକୁ ବିବାହ ଦେବେ ନାହିଁ ବୋଲି ନାବାଳିକାଙ୍କ ବାପା ପ୍ରତିଶ୍ରୁତି ଦେବା ପରେ ଶିଶୁ ମଙ୍ଗଳ ସମିତି ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ



ବୈଠକରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ବାସୁଦେବପୁର, ୨୭।୯ (ଡି.ଏନ.ଏ.)

ବାସୁଦେବପୁର ଟାଉନହଲ୍ ପରିସରରେ ଶୁକ୍ରବାର ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ କର୍ମୀ ଓ ଦଳର କର୍ମକର୍ତ୍ତା ନୂତନ ସଦସ୍ୟତା ଗ୍ରହଣ ଉପରେ ଦୃଷ୍ଟି ଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଦଳର ସଙ୍ଗଠନକୁ ଅଧିକ ମଜଭୁତ କରିବାକୁ ହେଲେ ନୂତନ ସଦସ୍ୟ ଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲ୍ଲିକ, ଉପାଧ୍ୟକ୍ଷ ସୁଶାନ୍ତ ବିଶ୍ୱାଳ, ନଗର ବିଜେଡି ସଭାପତି ଶ୍ୟାମସୁନ୍ଦର ମହାନ୍ତି, ତିହିଡି ବ୍ଲକ ବିଜେଡିର ଦୁଇ ବରିଷ୍ଠ ନେତା ସୁରେନ୍ଦ୍ର ପ୍ରସାଦ ନାୟକ, ବିଜୟ କୁମାର ନାୟକ, ପୂର୍ବତନ କାଉନସିଲର ମାନସ ରଞ୍ଜନ ସାହୁ, ଛାତ୍ରନେତା କାଳନ୍ଦୀ ସାହୁ ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୌରମଣି ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ ସଭାରେ ଅଧ୍ୟକ୍ଷତା କରିଥିଲେ। ବାସୁଦେବପୁର ନିର୍ବାଚନମଣ୍ଡଳୀର ବିଜେଡି ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଆସନ୍ତା ଅକ୍ଟୋବର ୨ ତାରିଖରୁ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହେଉଥିବାରୁ ଏଥିରେ ସହଯୋଗ ପାଇଁଦଳପକ୍ଷରୁନିବେଦନକରାଯାଇଥିଲା।

# ଜୀବନ ଘାତକ ପ୍ଲାଷ୍ଟିକ ବର୍ଜନ ଶପଥ

ଧାମନଗର, ୨୭।୯ (ଡି.ଏନ.ଏ.)

ଧାମନଗର ବ୍ଲକ ଗଡିଆଳିସ୍ଥିତ ଜାଗୁଲାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ସପ୍ତାହ ପାଳନ ଅବସରରେ ପଲିଥିନ ବ୍ୟବହାର ନିବାରଣ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜୀବନଘାତକ ତଥା ପରିବେଶକୁ ପ୍ରଦୂଷଣ କରୁଥିବା ପଲିଥିନ ବ୍ୟବହାର ନ କରିବାକୁ ଶତାଧିକ ଛାତ୍ରୀଛାତ୍ର ଶପଥ ନେଇଥିଲେ। ଗଡିଆଳି ସରପଞ୍ଚ ସୁକାନ୍ତି ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ନିରାକାର ରାଉତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଏବିଇଓ ପୀତାମ୍ବର ବାରିକ ଯୋଗଦେଇ ଶୈଶବାବସ୍ଥା ସମୟରୁ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ଏବଂ ପ୍ରଦୂଷଣ ଉପରେ ଅବଗତ କରାଇବା ନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ପିଲାମାନଙ୍କୁ ବ୍ୟବହାରିକ ଜିନିଷର ପ୍ରଭାବ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ଏମ୍‌ସି ସଭାପତି ଶମ୍ଭୁନାଥ ମିଶ୍ର, ସଭ୍ୟ ଅମୂଲ୍ୟ କୁମାର ଦାସ, ହୃନକ ମଲିକ, ଭାସ୍କର ବେହେରା, ପ୍ରଶାନ୍ତ ବେହେରା ଓ ପୀତବାସ ଜେନା ପ୍ରମୁଖ ଶପଥ ଉତ୍ସବରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ 'ବ୍ୟବହାର କଲେ ପଲିଥିନ, ଜୀବନ ହୋଇବ ଖିନ୍‌ଭିନ୍' କ୍ଷୁଦ୍ର ନାଟକ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଶେଷରେ କାକଳି ଖଟୁଆ ଧନ୍ୟବାଦ ଦେଇଥିଲେ।



ଛାତ୍ରୀଛାତ୍ର ଶପଥ ନେଉଛନ୍ତି।

# ବେଆଇନ କରତକଳରେ ଚଢ଼ାଉ

## ଲକ୍ଷାଧିକ ଟଙ୍କାର କାଠ ସହ ଯନ୍ତ୍ରାଂଶ ଜବତ



ଜବତ କରତକଳ ସାମଗ୍ରୀ।

ବାସୁଦେବପୁର, ୨୭।୯ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସହର ଉପକଣ୍ଠ ଅନୁକୂଳ ଚନ୍ଦ୍ରଙ୍କ ମନ୍ଦିର ସାମ୍ନାରେ ଚାଲିଥିବା ଏକ ବେଆଇନ କରତକଳରେ ବନବିଭାଗ ପକ୍ଷରୁ ଶୁକ୍ରବାର ସକାଳେ ଚଢ଼ାଉ କରାଯାଇଛି। ଲକ୍ଷାଧିକ ଟଙ୍କାର କାଠ ସହ କରତକଳ ଯନ୍ତ୍ରାଂଶ ବନ ବିଭାଗ ଜବତ କରିଛି। ଏପରିକି ଏକ ଜେସିବି ମେଶିନ ଯୋଗେ କରତକଳକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ଏସିଏଫ୍ ବିରାଜ ମୋହନ ମହାନ୍ତି, ବନପାଳ ଜଗନ୍ନାଥ ମିଶ୍ରଙ୍କ ସମେତ ଜିଲା ପୋଲିସ ଚଢ଼ାଉ ବେଳେ ଉପସ୍ଥିତ ଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଭାବେ ବନ୍ତ ତହସିଲଦାର ବିଜୟ କୁମାର ସେଠୀ ଉପସ୍ଥିତ ରହିଥିଲେ। ତେବେ ବାସୁଦେବପୁର ବନ ବିଭାଗ ଚଢ଼ାଉର ୨ ଘଣ୍ଟା ପରେ ଆସି ପହଞ୍ଚିଥିଲା। ବାସୁଦେବପୁର ଅଞ୍ଚଳରେ ଏଭଳି ବେଆଇନ କରତକଳ ଚାଲିବା ପଛରେ ସ୍ଥାନୀୟ ବନ ବିଭାଗର କେତେକ ଅଧିକାରୀଙ୍କ ହାତ ଥିବା ଏସିଏଫ୍‌ଙ୍କ ନିକଟରେ ଅଭିଯୋଗ ହୋଇଛି।

# ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ କଲେ ଅଙ୍ଗନୱାଡି କର୍ମୀ

ବନ୍ତ, ୨୭।୯ (ଡି.ଏନ.ଏ.)

ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ଜାତୀୟ ପୁଷ୍ଟି ମାସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରର କର୍ମୀମାନଙ୍କ ପକ୍ଷରୁ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ସିଡିପିଓ ରେଣୁବାଳା ଦାଶ ଏଥିରେ ପୌରୋହିତ୍ୟ କରିଥିଲେ। ଜିଲାପରିଷଦ ସଭ୍ୟ ରବୀନ୍ଦ୍ର ଦାସ, ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ସଂଯୋଜକ ଚିରଞ୍ଜୀବ ଦାସ, ସୁପରଭାଇଜର କ୍ଷଣପ୍ରଭା ବାରିକ, ଜ୍ୟୋତ୍ସ୍ନାରାଣୀ ଚାନ୍ଦ, ବନଲତା ମଲ୍ଲିକ, ପ୍ରୀତି ଉଦ୍‌ଗାତା, ରେଖା ନାୟକ, ମିନତି ଦାସ ଓ ସନ୍ଧ୍ୟାରାଣୀ ମଲ୍ଲିକ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ଗର୍ଭବତୀ, ପ୍ରସୂତି ମହିଳାଙ୍କ ସମେତ ଶିଶୁମାନଙ୍କର ପୁଷ୍ଟି ସାଧନ କିପରି ହୋଇପାରିବ ସେ ସମ୍ପର୍କରେ ସେମାନେ ଆଲୋକପାତ କରିଥିଲେ। ପୁଷ୍ଟି ସାଧନ ନିମନ୍ତେ ସବୁଜ ପନିପରିବା, ଡାଲି, ଅଣ୍ଡା, କ୍ଷୀର, ସୋୟାବଡି, ଶାଗ, ରୁଟି ଓ ମିଶ୍ରିତ ଛତୁଆର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ଲକ ଅଧୀନ ୨୩୮ ଅଙ୍ଗନୱାଡି କେନ୍ଦ୍ରର କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଙ୍ଗନୱାଡି କର୍ମୀ।

# ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ଚାନ୍ଦବାଲି, ୨୭।୯ (ଡି.ଏନ.ଏ.)

ଚାନ୍ଦବାଲି ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଶୁକ୍ରବାର ଦାଖା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ପ୍ରଣୟ କୁମାର ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ କୁଞ୍ଜଲତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସେମିନାରରେ 'ମାନବ ସମାଜ ମଙ୍ଗଳରେ ପର୍ଯ୍ୟାୟ ସାରଣୀରେ ଥିବା ରାସାୟନିକ ମୌଳିକର ପ୍ରଭାବ' ଶୀର୍ଷକରେ ଆଲୋଚନା କରାଯାଇଥିଲା। ବ୍ଲକ ବିଜ୍ଞାନ ସଂଯୋଜକ ଅମୂଲ୍ୟ ରାଉତ ସେମିନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଚାରକ ଭାବେ ଚାନ୍ଦବାଲି କଲେଜର ରସାୟନ ବିଜ୍ଞାନ ଅଧ୍ୟାପକ ମାୟାଧର ମହାନ୍ତି ଓ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର ସାହୁ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଡିସି ହାଇସ୍କୁଲ ଓରାସାହିର ୧୦ମ ଶ୍ରେଣୀ ଛାତ୍ରୀ ବିଶ୍ୱରୂପା ନନ୍ଦ ପ୍ରଥମ, ଦୋଳମଣ୍ଡପ ହାଇସ୍କୁଲର ୯ମ ଶ୍ରେଣୀର ଅଞ୍ଜଳି ବାରିକ ଦ୍ୱିତୀୟ, ଆରଡ଼ି ଆଖଣ୍ଡଳମଣି ନୋଡାଲ ସ୍କୁଲର ୧୦ମ ଶ୍ରେଣୀର ଔମିତା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ହୋଇଥିବା ଛାତ୍ରୀ ନନ୍ଦଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଛି। ଶିକ୍ଷକ ଅକ୍ଷୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଇନ୍ଦ୍ରଜିତ୍ ସ୍ୱାଇଁ, ଭାସ୍କର ମହାନ୍ତି ଓ ହିମାଦ୍ରି ତନୟା ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଜୀବନକୁ ସ୍ୱଚ୍ଛନ୍ଦ କରିବାରେ ବିଜ୍ଞାନର ରହିଛି ସହଭାଗିତା'

ତିହିଡ଼ି, ୨୭।୯(ଡି.ଏନ.ଏ.)

ତିହିଡ଼ି ବ୍ଲକ କୋହ୍ଲ ହାଇସ୍କୁଲରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଉଦୟ ନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ ଅଧୀନ ୧୧ଟି ହାଇସ୍କୁଲର ୧୧ ଛାତ୍ରୀଛାତ୍ର ଭାଗ ନେଇଥିଲେ। 'ମାନବ ସେବାରେ ପର୍ଯ୍ୟାୟ ସାରଣୀରେ ଥିବା ମୌଳିକ ଉପାଦାନ' ଶୀର୍ଷକରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମନ୍ତରାୟପୁର ହାଇସ୍କୁଲର ଛାତ୍ରୀ ଶ୍ରଦ୍ଧାଞ୍ଜଳି ମଲ୍ଲିକ ୧ମ, କୋହ୍ଲ ହାଇସ୍କୁଲର ସସ୍ମିତା ମାଝୀ ୨ୟ ଏବଂ ସିଆର୍‌ଏସ୍ ହାଇସ୍କୁଲର ସୌମ୍ୟରଞ୍ଜନ ଦାସ ୩ୟ ହୋଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ରାଉତ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ବ୍ଲକ ଶିକ୍ଷାଧିକାରୀ ଦାଶ ଜନଜୀବନକୁ ସ୍ୱଚ୍ଛନ୍ଦ କରିବାରେ ବିଜ୍ଞାନର ଯଥେଷ୍ଟ ସହଭାଗିତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସୋମନାଥ ପାଢ଼ୀ ଏବଂ ବିଚାରକ ଭାବେ ଅଧ୍ୟାପକ ସୁକାନ୍ତ ପାଣିଗ୍ରାହୀ, ଅଧ୍ୟାପିକା ନିରୂପମା ସାହୁ ଯୋଗ ଦେଇଥିଲେ। ସିଆର୍‌ଏସ୍ ହାଇସ୍କୁଲ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ନାୟକ ସେମିନାରର ଶୀର୍ଷକ ଉପରେ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ନୃସିଂହ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶିକ୍ଷକ ରମେଶ ସାହୁ, ଶିକ୍ଷୟିତ୍ରୀ ମନମୋହିନୀ ବିଶ୍ୱାଳ, ମିନତିଲତା ମିଶ୍ର, ଗୀତାଞ୍ଜଳି ସାହୁ, ଗୀତାଞ୍ଜଳି ରଥ, ଶିକ୍ଷକ ବିଶ୍ୱରଞ୍ଜନ ପଣ୍ଡା ଦେବଶର୍ମା, ବିଶ୍ୱରଞ୍ଜନଦାସ ଓ ରୋଜାଲିନ ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସେମିନାରରେ ପ୍ରଧାନଶିକ୍ଷୟିତ୍ରୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ସୁବର୍ଣ୍ଣରେଖା ସେତୁ ନିକଟ ରାସ୍ତାରେ ଗର୍ତ୍ତ

**ବାଲିଆପାଳ, ୨୭।୯(ଡି.ଏନ.ଏ.):** ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଚାରିଆଡେ ରାସ୍ତା ଘାଟରେ ପାଣି କାଦୁଅ ଭର୍ତ୍ତି। ସିମୁଳିଆ ମାର୍କେଟରୁ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରିବାରୁ ଜଳ ଜମି ରହିଛି। ଲୋକେ ପାଣି କାଦୁଅରେ ହଇରାଣ ହେଉଛନ୍ତି। ତେବେ ବାଲିଆପାଳ କର୍ମଦା ରାସ୍ତାର ସୁବର୍ଣ୍ଣରେଖା ସେତୁର ଉତ୍ତର ପଟରେ ରାସ୍ତାର ଏକ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ପୂର୍ତ୍ତବିଭାଗ ତୁରନ୍ତ ଗର୍ତ୍ତକୁ ମରାମତି କରିବାକୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଦାବି କରିଛନ୍ତି।

### ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

**ଔପଦା, ୨୭।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ସଦରସ୍ଥିତ ଔପଦା ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଶୁକ୍ରବାର ମଧାହ୍ନରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆରମ୍ଭ ହୋଇଥିଲା। ଏହି ସେମିନାରକୁ ଔପଦା ବ୍ଲକ ଶିକ୍ଷାଧିକାରୀ (ବିଇଓ) ବିଜୟ କୁମାର ଗିରି ଉଦ୍‌ଘାଟନ କରିଥିଲେ। ଔପଦା ହାଇସ୍କୁଲର ପ୍ରଧାନଶିକ୍ଷକ କ୍ଷେତ୍ରମୋହନ କର ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରସାୟନ ବିଜ୍ଞାନ ଅଧାପକ ପ୍ରତାପ ଚନ୍ଦ୍ର କର ଓ ସମ୍ମାନୀତ ଅତିଥି ଭାବେ ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର, ଶିକ୍ଷକ ସଂଘର 'ଓଷ୍ଟା' ଔପଦା ଶାଖା ସମ୍ପାଦକ ବୈକୁଣ୍ଠ ପୁଥାଳ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ମୋଟ ୧୫ଜଣ ପ୍ରତିଯୋଗୀ ଯୋଗଦେଇଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଶୁଭ୍ରାଂଶୁ ଦଳେଇ ଧନ୍ୟବାଦ ଦେଇଥିଲେ।

### ସ୍କୁଲ ପରିଚାଳନା କମିଟି ଗଠିତ

**ରୂପ୍‌ସା, ୨୭।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ରାଉତପଡ଼ା ପଞ୍ଚାୟତ ବାରାପାଳ ରାଧାକୃଷ୍ଣ ଉ.ପ୍ରା. ବିଦ୍ୟାଳୟର ପରିଚାଳନା କମିଟି ଗଠନ ହୋଇଛି। ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ ସରପଞ୍ଚ ମାୟାଧର ମଣିଙ୍କ ପୌରୋହିତ୍ୟରେ ଅଭିଭାବକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ନିର୍ବିବାଦ ଭିତ୍ତିରେ କମିଟିର ସଭ୍ୟାସଭ୍ୟଙ୍କୁ ମନୋନୀତ କରିବା ପାଇଁ ସରପଞ୍ଚ ଆହ୍ୱାନ ଦେଇଥିଲେ। ନୋଡ଼ାଲ ଅଫିସର ପଞ୍ଚୁପାଣ୍ଡବ ଧଳ ଓ ସିଆର୍‌ସିସି ଅନିଲ କୁମାର ପାତ୍ର ଯୋଗଦେଇ ପରିଚାଳନା କମିଟି ଗଠନର ଗାଇଡ଼ଲାଇନ୍ ଓ ଭୂମିକା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଜୟକୃଷ୍ଣ ଗିରି, ହାଇସ୍କୁଲ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ମହାପାତ୍ର, ସମିତିସଭ୍ୟା ପ୍ରତିନିଧି ହରେକୃଷ୍ଣ ପାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶାନ୍ତିଶୃଙ୍ଖଳା ସହ ସମସ୍ତଙ୍କ ସହମତିରେ ୬ଜଣ ମହିଳା ଓ ୬ଜଣ ପୁରୁଷ ଅଭିଭାବକଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ଶେଷରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭବାନୀଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଚୋରା ମଦ ବ୍ୟବସାୟୀ ଗିରଫ, କାର୍ ଜବତ

**ବାଲେଶ୍ୱର ଅଫିସ, ୨୭।୯:** ବାଲେଶ୍ୱର ଅବକାରୀ ଭ୍ରାମ୍ୟମାଣ ବିଭାଗ ପକ୍ଷରୁ ଗୁରୁବାର ରାତିରେ ପାଟ୍ରୋଲିଂ କରାଯାଉଥିବା ବେଳେ ତାମୁଲିଆ ଓଭରବ୍ରିଜ୍ ନିକଟରେ ଏକ କାର୍ (ନଂ. ଓଆର୍୦୧ଡ଼ି-୬୩୭୨)ରୁ ୫ଶହ ଲିଟର ମଦ ଜବତ କରାଯାଇଛି। ଗାଡ଼ି ଡ୍ରାଇଭର ତଥା ମାଲିକ ଟାଉନ୍ ଥାନା ସୁନହଟ୍ ଗ୍ରାମର ସେକ୍ ସଖିରୁଦ୍ଦିନ (୨୮)ଙ୍କୁ ଗିରଫ କରାଯାଇଛି। ଏହି କାର୍ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିଲା। ଅବକାରୀ ବିଭାଗର ଏହି ଭ୍ରାମ୍ୟମାଣ ଟିମ୍‌ରେ ଅବକାରୀ ଥାନାର ଆଇଆଇସି ଉଦେଲାଲ ନାୟକ, ଏଏସ୍‌ଆଇ ଚନ୍ଦ୍ରମୋହନ ସେଠୀ, କନଷ୍ଟେବଳ ପ୍ରହଲ୍ଲାଦ ବିଶ୍ୱାଳ, ସେକ୍ କଲିମ୍ ଓ ଅଞ୍ଜନ ଜେନା ପ୍ରମୁଖ ଥିଲେ।

## ଶହୀଦ ଦିବସରେ ସଜେଇ ହେଉଛି ରକ୍ତତୀର୍ଥ

# ଫିକା ପଡ଼ିଛି ବଳିଦାନର ସ୍ମୃତି


ଡୁଡିଗଡିଆ ଶହୀଦ ସ୍ମୃତିସ୍ତମ୍ଭ।

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା, ୨୭।୯**

ବାଲେଶ୍ୱର ଜିଲା ଖଇରା ବ୍ଲକର ରକ୍ତତୀର୍ଥ ଡୁଡ଼ିଗଡ଼ିଆ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିଲେ ବି ଅବହେଳିତ ଅବସ୍ଥାରେ ରହିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଭିତ୍ତିଭୂମିର ବିକାଶ କରାଯାଉନାହିଁ। ଶହୀଦ ମାର୍ଗ ଭାବେ ପରିଚିତ ଡୁଡ଼ିଗଡ଼ିଆ-ଖଇରାଡ଼ିହି ରାସ୍ତା ଅସମ୍ପୂର୍ଣ୍ଣ ହୋଇରହିଛି। ବିଶ୍ରାମାଗାର କି ଶୌଚାଳୟ ନାହିଁ। ସାମାନ୍ୟ ବର୍ଷା ହେଲେ ରକ୍ତତୀର୍ଥ ସଂଲଗ୍ନ ବଜାର ପରିସର ଜଳମଗ୍ନ ହୋଇରହୁଛି। ଏଭଳି ସ୍ଥିତିରେ ଶନିବାର ଏହି ଶହୀଦ ପୀଠରେ ୭୭ତମ ଶହୀଦ ସ୍ମୃତି ଦିବସ ପାଳନ ଲାଗି ଚିରାଚରିତ ଢଙ୍ଗରେ ପ୍ରସ୍ତୁତି ଚାଲିଥିବା ଲକ୍ଷ୍ୟ କରାଯାଉଛି।

ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି, ଶହୀଦ ସ୍ମୃତି ଦିବସ ପାଳନ ହେଲେ ଦିନକ ପାଇଁ ଏହି ପୀଠ କୋଳାହଳପୂର୍ଣ୍ଣ ହୋଇପଡ଼େ। ନାଚଗୀତର ଆସର ଓ ପ୍ରତିଯୋଗିତା ଜମେ। ମଞ୍ଚରେ ପ୍ରଶାସକ, ନେତା ଓ ମନ୍ତ୍ରୀ ଭାଷଣରେ ପ୍ରତିଶ୍ରୁତି ଦେଇ ଫେରିଯିବା ପରେ ସମସ୍ତେ ସବୁ କିଛି ଭୁଲିଯାଇଥାନ୍ତି। ଏକଦା ରକ୍ତର ବନ୍ୟା ସୃଷ୍ଟି ହୋଇଥିବା ଏହି ଶହୀଦ ମାଟିରେ ଏବେ ମଦର ବନ୍ୟା ଛୁଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିୟମିତ ଅଳିଆ ଆବର୍ଜନା ସଫା ନ ହେବାରୁ ଶହୀଦ ସ୍ମୃତିସ୍ତମ୍ଭ ପରିସର ମଧ ଅସ୍ୱାସ୍ଥ୍ୟକର ହୋଇରହୁଛି।

ଶହୀଦ ଜନ କଲ୍ୟାଣ ପରିଷଦ ତରଫରୁ ଏଥର ଶହୀଦ ସ୍ମୃତି ଦିବସ ପାଳନ ଲାଗି ଏହି ପୀଠ ପରିସର ସଜେଇ ହେବାରେ ଲାଗିଛି। କିନ୍ତୁ ଏହାର ସ୍ଥାୟୀ ବିକାଶ ପ୍ରତି ଅବହେଳା ଚର୍ଚ୍ଚାର କାରଣ ହୋଇଛି। ଆଜି ବି ଏହି ପୀଠ ସ୍ୱାଧୀନତା ସଂଗ୍ରାମ ବେଳର ଜାଗରଣ ଓ ବଳିଦାନର ସ୍ମୃତିକୁ ସାଇତି ରଖିଛି।

ସେଦିନ ଥିଲା ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖ। ଖଇରା ସୋର ସୀମାନ୍ତବର୍ତ୍ତୀ ଛତରା ଗ୍ରାମର ସଂଗ୍ରାମୀ ଶିବିରରେ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ମନ୍ତ୍ରଣା ଚାଲିଥାଏ। ଏହି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ବ୍ରିଟିଶ ଫୌଜ ଆସି ପହଞ୍ଚିଥିଲେ। ସେମାନେ ସଂଗ୍ରାମର ନେତୃତ୍ୱ ନେଉଥିବା ବୈଦ୍ୟନାଥ ରାଉତଙ୍କ ଘର ଖଇରାଡ଼ିହି ଗ୍ରାମରେ ପହଞ୍ଚିବା ପରେ ବିଭିନ୍ନ ଗ୍ରାମର ଯୁବବାହିନୀ ବ୍ରିଟିଶ ଫୌଜକୁ ମୁକାବିଲା କରିବା ପାଇଁ ଏକଜୁଟ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଫୌଜଙ୍କ ଗୁଳିରେ ବଧି ଗ୍ରାମର ରଘୁ ବେହେରା ଓ ବଡ଼ପୋଖରୀ ଗ୍ରାମର ମକର ଲେଙ୍କା ଶହୀଦ ହୋଇଥିଲେ। ଦୁଇ ଶହୀଦଙ୍କ ଶବକୁ ନେଇ ବ୍ରିଟିଶ ଫୌଜ ଡୁଡିଗଡ଼ିଆ କ୍ୟାମ୍ପକୁ ନେଇଯିବାରୁ ଅପରାହ୍ନ ୩ଟାରେ ବୈଦ୍ୟନାଥ ରାଉତ, ଚିନ୍ତାମଣି ପଣ୍ଡା, କୃଷ୍ଣଚନ୍ଦ୍ର ଜେନା ଓ ସୂର୍ଯ୍ୟମଣି ତ୍ରିପାଠୀଙ୍କ ନେତୃତ୍ୱରେ ହଜାର ହଜାର ଗ୍ରାମବାସୀ ପୋଲିସ କ୍ୟାମ୍ପକୁ ଘେରିଯାଇଥିଲେ। ଫୌଜ ଏଥିରେ ବିଚଳିତ ହୋଇ ପୁଣି ଥରେ ଗୁଳି ବର୍ଷଣ କଲେ। ପୋଲିସ୍ ଗୁଳିରେ ଶହୀଦ୍ ହୋଇଗଲେ ଡାଲଙ୍ଗ ଗ୍ରାମର କେଲୁ ସାହୁ। ଶହୀଦଙ୍କ ଏହି ବଳିଦାନ ଘଟଣା ୭୬ ବର୍ଷ ଅତିକ୍ରମ କରିସାରିଲାଣି। ବହୁ ବିଳମ୍ବରେ ରାଜ୍ୟ ସରକାର ୨୦୧୫ରେ ଉକ୍ତ ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେଇଥିଲେ ବି ଏହାର ଆଶାନୁରୂପ ବିକାଶ ହୋଇନାହିଁ। ରାଜ୍ୟ ସରକାର ଦେଇଥିବା ୫୦ଲକ୍ଷ ଟଙ୍କା ୨ବର୍ଷ ପଡ଼ିରହିବା ପରେ ଶହୀଦ ସ୍ମୃତି ଭବନ ନିର୍ମାଣ କରାଯାଇଛି। ଏହାକୁ ଶନିବାର ଉଦ୍‌ଘାଟନ କରାଯିବା ଧାର୍ଯ୍ୟ ହୋଇଛି। ତରବରିଆ କାମ ଯୋଗୁ ନୂଆ ଛାତରୁ ପାଣି ଗଳୁଥିବା କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଯୁବନେତା କୈଳାସ ବେହେରା ଶହୀଦ ପୀଠକୁ ଷ୍ଟ୍ରିଟ୍‌ଲାଇଟ ସଂଯୋଗ କରା ନ ଯିବା ନେଇ ପ୍ରଶ୍ନ ଉଠାଇଥିବା ବେଳେ ମଦ କାରବାର ରୋକିବା ଦିଗରେ ଅବକାରୀ ବିଭାଗ ଓ ପୋଲିସ ନୀରବଦ୍ରଷ୍ଟା ସାଜିଥିବାରୁ ଏହା ପୀଠର ଗାରିମା ନଷ୍ଟ କରୁଛି ବୋଲି ସ୍ଥାନୀୟ ବୁଦ୍ଧିଜିବୀ କମଳାକାନ୍ତ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ଶହୀଦ ଜନ କଲ୍ୟାଣ ପରିଷଦର ସମ୍ପାଦକ ବିଷ୍ଣୁ ମୋହନ ଶତପଥୀ ଓ ବଜାର କମିଟିର ସମ୍ପାଦକ ବସନ୍ତ କୁମାର ସାହୁ କହିଛନ୍ତି, ଯେଉଁ ସବୁ ସମସ୍ୟା ଅଛି ଧୀରେ ଧୀରେ ତାହା ସମାଧାନ ହୋଇପାରିବ। ଶହୀଦ ମାର୍ଗ ଭାବେ ପରିଗଣିତ ରାସ୍ତା ସମସ୍ୟା ପ୍ରତି ସ୍ଥାନୀୟ ନେତା ଧ୍ୟାନ ଦେବା ଆବଶ୍ୟକ ବୋଲି ସ୍ଥାନୀୟ ମହିଳା ଗୋଷ୍ଠୀର କର୍ମକର୍ତ୍ତା ଦାବି କରିଛନ୍ତି।

### ଭୋଟର ତାଲିକା ସଂଶୋଧନ ବୈଠକ

**ବସ୍ତା, ୨୭।୯(ସ୍ୱ.ପ୍ର.)**

ବସ୍ତା ବ୍ଲକ ପରିସରରେ ଗୁରୁବାର ଭୋଟର ତାଲିକା ସଂଶୋଧନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉପଜିଲାପାଳ ନିଲୁ ମହାପାତ୍ର, ବିଡିଓ କୁକୁମିନା ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ନୂତନ ଭୋଟର ତାଲିକା ପ୍ରସ୍ତୁତିରେ ତ୍ରୁଟି ସଂଶୋଧନ, ନୂତନ ଭୋଟରଙ୍କ ଯୋଗଦାନ ସହ ଭୋଟର ତାଲିକା ଯୋଡ଼ିବା ଓ ବାଦ୍ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ, ଜିଲାପରିଷଦ ସଦସ୍ୟ ଓ ସମିତିସଭ୍ୟମାନେ ଯୋଗ ଦେଇଥିଲେ।

### ୨ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୨୭।୯(ଡି.ଏନ.ଏ.):** ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ଥାନାର ସଜନାଗଡ଼ ଗାଁରେ ଶୁକ୍ରବାର ଚଡ଼ାଉ କରି ୨ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ସମୁଦାୟ ୨୪ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏନେଇ ବିଭାଗରେ ପିଆର୍ (ନଂ. ୬୫/୧୯ ଓ ୬୬/୧୯) ରୁଜୁ ହୋଇଛି। ଜିଲା ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ନିରୀକ୍ଷକ ଉଦେଲାଲ ନାୟକଙ୍କ ନେତୃତ୍ୱରେ ବିବେକାନନ୍ଦ ନାୟକ, ଲକ୍ଷେସାଧବ ପ୍ରଧାନ ସମେତ ଅବକାରୀ ଟିମ୍ ଚଡ଼ାଉରେ ସାମିଲ ଥିଲେ।

## 'ସୀମାନ୍ତରେ ଥିବା ବିଦ୍ୟାଳୟକୁ ବନ୍ଦ କରା ନ ଯାଉ'

### ମନ୍ତ୍ରୀଙ୍କୁ ଅବଗତ କଲେ ବିଧାୟକ

**ଭୋଗରାଇ, ୨୭।୯(ଡି.ଏନ.ଏ.)**

ଓଡ଼ିଶା ସୀମାନ୍ତ ଓ ରାଜ୍ୟ ବାହାରେ ଓଡ଼ିଆ ଭାଷା ସାହିତ୍ୟକୁ ସୁରକ୍ଷା ଦେବା ନିମନ୍ତେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବେଳେ ଗଣଶିକ୍ଷା ବିଭାଗ ଗାଇଡ଼ଲାଇନ୍ ଅନୁଯାୟୀ ସୀମାନ୍ତରେ ଥିବା କେତେକ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିଦେବାକୁ ଚିନ୍ତା କରୁଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ଓଡ଼ିଆ ଭାଷା ସାହିତ୍ୟ ସୁରକ୍ଷା ପାଇଁ ସୀମାନ୍ତବାସୀ ସ୍ଥାନୀୟ ଶିକ୍ଷାବିଭାଗ, ବିଧାୟକ ଓ ମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

ବାଲେଶ୍ୱର ଜିଲା ସୀମାନ୍ତ ଭୋଗରାଇ ବ୍ଲକ ଅଧୀନ ଉପୁଲା ପ୍ରାଥମିକ ବିଦ୍ୟାଳୟ ଛାତ୍ର ଉପସ୍ଥାନ ସଂଖ୍ୟା କମ୍‌ଥିବାରୁ ଶିକ୍ଷା ବିଭାଗ ଏହି ସ୍କୁଲକୁ ବନ୍ଦ କରିବାକୁ ଜିଲା ଶିକ୍ଷାଧିକାରୀ ରାଜ୍ୟ ଉଚ୍ଚଶିକ୍ଷା କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ନୋଟିସ୍ ଉକ୍ତ ବିଦ୍ୟାଳୟକୁ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ପଠାଯାଇଥିଲା। ପ୍ରାଥମିକ ବିଦ୍ୟାଳୟ ବନ୍ଦ କରାଯିବା ପ୍ରତିବାଦରେ ସୀମାନ୍ତ ଗ୍ରାମବାସୀ ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ବିଧାୟକ ଦାସ ଏଭଳି ଘଟଣାକୁ ଗମ୍ଭୀର ସହ ଜିଲା ଶିକ୍ଷାଧିକାରୀ, ଗଣଶିକ୍ଷା ବିଭାଗର ସଚିବ ଓ ମନ୍ତ୍ରୀ ସମୀର ଦାସଙ୍କୁ ଅବଗତ କରାଇଛନ୍ତି। ଓଡ଼ିଆ ଭାଷା ସାହିତ୍ୟକୁ ଆଗକୁ ନେବା ଓ ଓଡ଼ିଆ ଭାଷାକୁ ସୁରକ୍ଷା ଦେବା ନିମନ୍ତେ ଭୋଗରାଇ ବିଧାୟକ ସୀମାନ୍ତ ଗ୍ରାମରେ ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ସଜାଡ଼ିବା ସହିତ ଶିକ୍ଷକ ନିଯୁକ୍ତି କରିଛନ୍ତି। ଗଣଶିକ୍ଷାମନ୍ତ୍ରୀ ସମୀର ଦାସ ଓଡ଼ିଶା ସୀମାନ୍ତରେ ଥିବା ଉପୁଲା ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯିବ ନାହିଁ ବୋଲି ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି। ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କାଳିନ୍ଦୀ ସୋରେନଙ୍କୁ ଏହି ସ୍କୁଲକୁ ବନ୍ଦ ନ କରିବାକୁ କହିଛନ୍ତି।

## ଡ୍ରେନ୍ ନ ଥିବାରୁ ସମସ୍ୟା ଭୋଗୁଛନ୍ତି ଦୁଇ ଗାଁ ବାସିନ୍ଦା

**ବସ୍ତା, ୨୭।୯(ସ୍ୱ.ପ୍ର.)**

ବର୍ଷାଜଳ ନିଷ୍କାସନ ପାଇଁ ସୁପରିକଳ୍ପିତ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବସ୍ତା ବ୍ଲକ ସଦାନନ୍ଦପୁର ପଞ୍ଚାୟତ ବାରମାଡ଼ିଆ ଗ୍ରାମ ଓ ବାଉଁଶମୁଖା ଗ୍ରାମର ଲୋକେ ନାନାଦି ସମସ୍ୟା ଭୋଗୁଛନ୍ତି।

ଏହି ପଞ୍ଚାୟତର ୧୩ ନଂ. ୱାର୍ଡ଼ରୁ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ଗାଁ ଭିତର ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ବସ୍ତା ବଜାରକୁ ଯାଇଥିବା ମୁଖ୍ୟ ରାସ୍ତା ନୂଆ କରି ନିର୍ମାଣ ହେବା ପରେ ଉଚ୍ଚା ହେବା ଯୋଗୁ ଗାଁ ଭିତର ପାଣି ଠିକ୍ ଭାବେ ନିଷ୍କାସନ ନ ହୋଇ ଜମି ରହୁଛି। ଫଳରେ ସାମାନ୍ୟ ବର୍ଷା ହେଲେ ସେହି ରାସ୍ତାରେ ୩ ଫୁଟ୍‌ରୁ ଊର୍ଦ୍ଧ୍ୱ ପାଣି ଚାଲିବା ସହ ପାଖ ଘରଗୁଡିକରେ ପାଣି ପଶିଯାଉଛି। ସେହି ରାସ୍ତା ଉପରେ ନିର୍ଭର କରୁଥିବା ୧୦ରୁ ୧୫ ପରିବାର ଯାତାୟାତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଏ ନେଇ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ସେହିପରି ଏହି ପଞ୍ଚାୟତର ବାଉଁଶମୁଖା ଗ୍ରାମରେ ସଂକୀର୍ଣ୍ଣ ଡ୍ରେନ୍ ଥିବାରୁ ସେହି ରାସ୍ତାରେ ମଧ୍ୟ ଜଳ ନିଷ୍କାସନରେ ବାଧା ଉପୁଜୁଛି। ଏହି ସମସ୍ୟାକୁ ତୁରନ୍ତ ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି।


ରାସ୍ତାରେ ଜମି ରହିଥିବା ପାଣି।

### ଟ୍ରେନ୍‌ରେ କଟି ଦୃଷ୍ଟିହୀନ ଛାତ୍ରଙ୍କ ଜୀବନ ଗଲା

**ରୂପ୍‌ସା, ୨୭।୯(ଡି.ଏନ.ଏ.)-** ବାଲେଶ୍ୱର ରେଳଷ୍ଟେଶନ ନିକଟରେ ଗୁରୁବାର ରାତିରେ ଟ୍ରେନ୍‌ରେ କଟି ଜଣେ ଦୃଷ୍ଟିହୀନ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଖଇରା ଥାନା ତୋରଣୀପଦା ଗ୍ରାମର ନିରଞ୍ଜନ ସୂତାରଙ୍କ ଏକମାତ୍ର ପୁଅ ଦିଲୀପ (୩୦)। ସେ ଫକୀରମୋହନ ଅନ୍ଧ, ମୂକ, ବଧିର କଲେଜରେ ଯୁକ୍ତ ୨ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ରାତିରେ ସେ ରେଳଲାଇନ ପାରି ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବରପାଇ ଜିଆର୍‌ପି ଏଏସ୍‌ଆଇ ଇନ୍ଦୁମତୀ ଶୁକ୍ଳା ଡାଉନଲାଇନ୍‌ରୁ ମୃତଦେହ ଉଦ୍ଧାର କରିଥିଲେ। ଶୁକ୍ରବାର ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ. ୮୦/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ହୋଇଛି। ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ତାଲୁକ ଆଇନ ସେବା ସମିତିର ସଚେତନତା ଶିବିର

**ନୀଳଗିରି, ୨୭।୯(ଡି.ଏନ.ଏ.):** ନୀଳଗିରି ବ୍ଲକ ଜଡ଼ିବାଲି ଉଚ୍ଚ ବିଦ୍ୟାଳୟ ପରିସରରେ ତାଲୁକ ଆଇନ୍ ସେବା ସମିତି ଆନୁକୂଲ୍ୟରେ ଶୁକ୍ରବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଦେୱାନୀ ବିଚାରପତି ସତ୍ୟବ୍ରତ ମିଶ୍ରଙ୍କ ଅଧ୍ୟକ୍ଷତା କରି ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଏହିଅବସରରେ ଆଇନଜୀବୀ ନିହାର ରଞ୍ଜନ ପରିଡ଼ା, ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ, ସହକାରୀ ଶିକ୍ଷକ ଭାସ୍କର ଜେନା, ଜୟନ୍ତୀ ଚୌଧୁରୀ, ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ଅଭିଭାବକ ଉପସ୍ଥିତ ଥିଲେ।


ବୈଠକରେ ବାଲେଶ୍ୱର ସରକାରୀ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା।

## 'ମେଡିକାଲରେ ବଢ଼ିବ ଶଯ୍ୟା ସଂଖ୍ୟା'

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ସ୍ୱାଗତ

**ବାଲେଶ୍ୱର ଅଫିସ, ୨୭।୯**

ରାଜ୍ୟ ସରକାର ସରକାରୀ ସ୍ୱାସ୍ଥ୍ୟସେବାକୁ ଦଲାଲ ମୁକ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତ ଦଲାଲଙ୍କୁ ଗିରଫ କରାଯାଉଛି। ବାଲେଶ୍ୱରରେ ଫକୀରମୋହନ ସରକାରୀ ମେଡ଼ିକାଲ କଲେଜ ହସ୍‌ପିଟାଲରେ ରୋଗୀ ସଂଖ୍ୟା ବୃଦ୍ଧିକୁ ବିଚାରକୁ ନେଇ ଶଯ୍ୟା ସଂଖ୍ୟା ୫ଶହକୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହି ପଦକ୍ଷେପକୁ ବାଲେଶ୍ୱର ସରକାରୀ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ଶୁକ୍ରବାର ସନ୍ଧ୍ୟାରେ ଏକ ଜରୁରୀ ବୈଠକ ଡକାଯାଇ ସ୍ୱାଗତ କରାଯାଇଛି।

ବାଲେଶ୍ୱର ହସ୍‌ପିଟାଲରେ ନିର୍ଦ୍ଦିଷ୍ଟ କେତେକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଦଲାଲମାନଙ୍କ ଜରିଆରେ ରୋଗୀମାନଙ୍କୁ ଘରୋଇ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଉଥିବା କମିଟି ବୈଠକରେ ଅଭିଯୋଗ କରିଛି। ଏହାର ନିରାକରଣ ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହୋଇଛି। ବୈଠକରେ କମିଟି ସଭାପତି ପ୍ରଫେସର ଅନନ୍ତ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ନିରଞ୍ଜନ ପରିଡ଼ାଙ୍କ ସମେତ ପ୍ରଭାକର ସାହୁ, ନିରଞ୍ଜନ ରାଉତ, ଇଂ. ବନମାଳୀ ନାୟକ, ବେଣୁଧର ପାଳ, ଗୌରାଙ୍ଗ ପାଣିଗ୍ରାହୀ, ଅଖିଳ କୁମାର ଦାସ, ସଚିନ୍ଦ୍ର ଦାସ, ଦୀନବନ୍ଧୁ ଲେଙ୍କା ଓ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଭାଜପାର ବ୍ଲକ ଘେରାଉ

**ଔପଦା, ୨୭।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ସମ୍ମୁଖରେ ଭାଜପା ତରଫରୁ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ବ୍ଲକ ଘେରାଉ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବରିଷ୍ଠ ଭାଜପା ନେତା ଅଜୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ନିରଞ୍ଜନ ମହାନ୍ତି, ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ବେହେରା, ଅଭୟ ମିଶ୍ର, ଯୁବନେତା ସମର ଶଙ୍କର କାନୁନ୍‌ଗୋ, ଅରୁଣ କୁମାର ବେହେରା ପ୍ରମୁଖ ଯୋଗଦେଇ 'କାଳିଆ' କେଲେଙ୍କାରୀ, ପ୍ରଧାନମନ୍ତ୍ରୀ ଆବାସକୁ ମୋ ଆବାସ ନାମକରଣ ସହ ପ୍ରିୟାପ୍ରୀତି ତୋଷଣକୁ ଲୋକେ ବରଦାସ୍ତ କରିବେ ନାହିଁ ବୋଲି କହିଥିଲେ। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା।

## ତାମୁଲିଆ ଓଭରବ୍ରିଜ୍ ଉପରେ ଗର୍ତ୍ତ

### ଯାତ୍ରୀ ହନ୍ତସନ୍ତ

**ବାଲେଶ୍ୱର ଅଫିସ, ୨୭।୯**

ବାଲେଶ୍ୱର ସହରର ପ୍ରବେଶ ଦ୍ୱାର ତାମୁଲିଆ ରେଳ ଫାଟକ ଉପରେ ନବନିର୍ମିତ ଓଭରବ୍ରିଜ୍ ଉପରେ ପିଚୁ ଏବଂ କଂକ୍ରିଟ୍‌ର ସଂଯୋଗସ୍ଥଳରେ ୩ଟି ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତ୍ରୀମାନେ ଯାତାୟାତରେ ହଇରାଣ ହେଉଛନ୍ତି। ୩ଦିନ ଧରି ବର୍ଷା ଲାଗି ରହିଥିବାରୁ ଏହି ଗର୍ତ୍ତ ଅଧିକ ବଡ଼ ହୋଇଯାଇଛି। ବର୍ଷା ଯୋଗୁ ବିଭାଗୀୟ ଅଧିକାରୀ ଏହାକୁ ମରାମତି କରିପାରୁ ନ ଥିଲେ। ଗୁରୁବାର ବର୍ଷା କମିବା ପରେ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଗର୍ତ୍ତଗୁଡ଼ିକୁ ମରାମତି କରାଯାଇଛି।



ଓଭରବ୍ରିଜ୍‌ରେ ହୋଇଥିବା ଗର୍ତ୍ତକୁ ମରାମତି କରାଯାଉଛି।

୬୩କୋଟି ୫୫ଲକ୍ଷ ୯୬ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୮୩୩.୭୬୦ ମିଟର ଲମ୍ବ ବିଶିଷ୍ଟ ଏହି ଓଭରବ୍ରିଜ୍ ଗତ ଫେବୃୟାରୀ ୧୩ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ମାତ୍ର ୭ମାସ ଭିତରେ ଓଭରବ୍ରିଜ ସଂଯୋଗସ୍ଥଳରେ ଗର୍ତ୍ତ ସୃଷ୍ଟି ହେବା କାରଣରୁ ନିର୍ମାଣର ମାନ ଉପରେ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ଓଭରବ୍ରିଜ୍‌ର ଉଭୟପାର୍ଶ୍ୱରେ ଦିଆଯାଇଥିବା ଲାଇଟ୍ ଅଧାରୁ ଅଧିକ ଜଳୁ ନ ଥିବା ପରିଲକ୍ଷିତ ହେଉଛି। ଓଭରବ୍ରିଜ୍ ଉପରେ ଗାଈଗୋରୁ ଶୋଇପଡୁଥିବାରୁ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଛି। ୪ମାସ ଭିତରେ ୧୦ରୁ ଅଧିକ ଦୁର୍ଘଟଣା ଘଟିଛି। ଏ ନେଇ ବିଭାଗୀୟ ଆସିଷ୍ଟାଣ୍ଟ ଇଞ୍ଜିନିୟର ରମେଶ ମହାପାତ୍ର କହିଛନ୍ତି, ଓଭରବ୍ରିଜ୍ ଦବିବାର କୌଣସି ପ୍ରଶ୍ନ ଉଠୁନାହିଁ। ଉଦ୍‌ଘାଟନର ବହୁ ପୂର୍ବରୁ ପିଚୁ କାମ ସରିଥିଲା। ଏହା ଉପରେ ଗାଡ଼ି ଯା'ଆସ କରି ନ ଥିଲା। ଦୀର୍ଘଦିନ ପରେ ଗାଡ଼ି ଯା'ଆସ କରିବା ସହ ଲଗାଣ ବର୍ଷା ହେବା କାରଣରୁ ସଂଯୋଗ ସ୍ଥାନରୁ କିଛି ପରିମାଣରେ ପିଚୁ ଉଠି ଗର୍ତ୍ତ ସୃଷ୍ଟି ହୋଇଛି। ଖବର ମିଳିବା ମାତ୍ରେ ଉକ୍ତ ସ୍ଥାନରେ ଟ୍ରାଫିକ୍ ପୋଲିସ ଦ୍ୱାରା ବୋର୍ଡ଼ ଲଗାଇ ଯାତ୍ରୀମାନଙ୍କୁ ସତର୍କ କରାଯାଇଛି। ବର୍ଷା ଛାଡ଼ିବା ପରେ ମରାମତି ପାଇଁ ପଦକ୍ଷେପ ନିଆଯାଇଛି।

**ସଂକ୍ଷେପରେ**

## ହାତୀ ଆକ୍ରମଣରେ ମହିଳା ଗୁରୁତର

ରାଇରଙ୍ଗପୁର, ୨୭।୯(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାମହରି ପଞ୍ଚାୟତ ଝଡ଼ାଚୁଆ ଗ୍ରାମର ନିନା ଦେହୁରୀ (୪୦) ନାମ୍ନୀ ଜଣେ ମହିଳା ଶ୍ରମିକ ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇ ରାଇରଙ୍ଗପୁର ହସ୍ପିଟାଲରେ ଚକିତ୍ସିତ ହେଉଛନ୍ତି। ଗୁରୁବାର ସନ୍ଧ୍ୟାରେ ସେ କାମସାରି ତାଙ୍କ ଭଣଜା ସହ ତାଙ୍କ ଗ୍ରାମ ନିକଟବର୍ତ୍ତୀ ନିରଣ ଝରଣ ଜଙ୍ଗଲ ରାସ୍ତାରେ ଘରକୁ ଫେରୁଥିଲେ। ଏହି ରାସ୍ତାରେ ଥିବା ଏକ ହାତୀ ଶୁଣ୍ଢରେ ନିନାଙ୍କୁ ଟାଣି ନେଇ କିଛି ଦୂରକୁ ଫୋପାଡ଼ି ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ସହ ଥିବା ସମ୍ପର୍କୀୟ ଭଣଜା ଭୟଭୀତ ହୋଇ ରାସ୍ତାରେ ଦୌଡ଼ିବା ସମୟରେ ପଡ଼ି ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ରାଇରଙ୍ଗପୁର ବନବିଭାଗ ରେଞ୍ଜ ଅଫିସର ଅଶୋକ କୁମାର ଦାସ ଏବଂ ବଡ଼ାମତଲିଆ ଫରେଷ୍ଟର ସଞ୍ଜୟ ଦେହୁରୀ ପ୍ରମୁଖ ଶୁକ୍ରବାର ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ଫେରିଥିଲେ।

## ନେସ୍କୋ ଅଫିସ ଘେରିଲେ ଉପଭୋକ୍ତା

ବୈଶିଙ୍ଗା, ୨୭।୯(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଶିଖରଖୁଣ୍ଟ ଗ୍ରାମର ଶତାଧିକ ଉପଭୋକ୍ତା ବିଦ୍ୟୁତ୍ ବିଭାଗ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ଶୁକ୍ରବାର ବୈଶିଙ୍ଗାସ୍ଥିତ ନେସ୍କୋ ସେକ୍ସନ୍ ମ୍ୟାନେଜରଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ପୂର୍ବରୁ କୌଣସି ସୂଚନା ନ ଦେଇ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ କରାଯିବା, ଲୋ-ଭୋଲଟେଜ୍ ଯୋଗାଣ, ତ୍ରୁଟିପୂର୍ଣ୍ଣ ମିଟର ରିଡିଂ ଭଳି ବିଭିନ୍ନ ଅଭିଯୋଗ ଆଣି ଉକ୍ତ ଲୋକଙ୍କୁ ନାନା ଉପାୟରେ ଶୋଷଣ କରୁଥିବା ଅଭିଯୋଗ କରିଥିଲେ। ସେକ୍ସନ୍ ମ୍ୟାନେଜର ଦେବବ୍ରତ ଗ୍ରାହକଙ୍କଠାରୁ ଦାବିପତ୍ର ଗ୍ରହଣ କରି ୧୫ ଦିନ ମଧ୍ୟରେ ଦାବି ପୂରଣର ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଂଘନ ବିରୋଧରେ ବିକ୍ଷୋଭ

ରାଇରଙ୍ଗପୁର, ୨୭।୯(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍‌ଡିଭିଜନର ବିଭିନ୍ନ ବ୍ଲକ ଏବଂ ଉପଜିଲାପାଳ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଙ୍ଘୀୟ ବ୍ୟବସ୍ଥାକୁ ଉଲ୍ଲଂଘନ କରି ରାଜ୍ୟ ସରକାର ଏହାକୁ ନିଜ ଯୋଜନାର ରୂପ ଦେବା ବିରୋଧରେ ସେମାନେ ପ୍ରତିବାଦ ଜଣାଇଥିଲେ। ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଧାୟକ ନବଚରଣ ମାଝୀ, ଦଳର ପଶ୍ଚିମ ମୟୂରଭଞ୍ଜ ଶାଖା ସଭାପତି ନବୀନ କୁମାର ରାମ, ନଗର କମିଟି ସଭାପତି ବିକାଶ ମହାନ୍ତ ଏବଂ ମହିଳା ନେତ୍ରୀ ମିନତି ବସାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ପଦଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ସହକାରୀ ଜିଲାପାଳ ଧର୍ମାନନ୍ଦ ଶତପଥୀଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଛାତ୍ରୀଙ୍କ ମୃତ୍ୟୁକୁ ନେଇ ବିଦ୍ୟାଳୟରେ ତୁମୁଳକାଣ୍ଡ

- ଚିକିତ୍ସା କାର୍ଯ୍ୟ ଠିକ୍ ସମୟରେ କରା ନ ଯିବାରୁ ମୃତ୍ୟୁ ଘଟିଥିବା ଅଭିଯୋଗ
- ଉତ୍ତ୍ୟକ୍ତ ଲୋକଙ୍କ ମାଡ଼ରେ ମାଟ୍ରନ ଓ ଶିକ୍ଷକ ଆହତ
- ଫୋର୍ସ ସହ ଅଧିକାରୀ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କଲେ

ଠାକୁରମୁଣ୍ଡା, ୨୭।୯( ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ ଅଧୀନ ହାତୀବାରିସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀନିବାସରେ ରହୁଥିବା ଜଣେ ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ତୁମୁଳକାଣ୍ଡ ଘଟିଛି। ପରିବାର ଲୋକେ ଶୁକ୍ରବାର ଛାତ୍ରୀଙ୍କ ମୃତଦେହକୁ ବିଦ୍ୟାଳୟ ଆଗରେ ରଖି କ୍ଷତିପୂରଣ ଦାବି କରିଥିଲେ। ଠିକ୍ ସମୟରେ ଚିକିତ୍ସା କରା ନ ଯିବାରୁ ଛାତ୍ରୀଙ୍କ ମୃତ୍ୟୁ ଘଟିଲା ବୋଲି ସେମାନେ ଅଭିଯୋଗ କରି ଦାୟୀ ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସ୍ଥାନୀୟ ଲୋକେ ଓ ମୃତ ଛାତ୍ରୀଙ୍କ ଗ୍ରାମବାସୀ ଏହି ଦାବିକୁ ସମର୍ଥନ ଜଣାଇ ପାଟିତୁଣ୍ଡ କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟାଳୟର ମାଟ୍ରନ ଓ ଜଣେ ଶିକ୍ଷକଙ୍କୁ ଉତ୍ତ୍ୟକ୍ତ ଲୋକେ ମାରପିଟ କରିଥିଲେ। ଫଳରେ ସେମାନେ ଆହତ ହୋଇଥିଲେ। ପରେ ଆମ୍ବୁଲାନ୍ସ ଅଣାଯାଇ ଆହତ ଦ୍ୱୟଙ୍କୁ ଚିକିତ୍ସା ଲାଗି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗଣ୍ଡଗୋଳ ଖବର ପାଇ କରଞ୍ଜିଆ ତହସିଲଦାର ତାପସରଞ୍ଜନ ଦେହୁରୀ, ଉପଖଣ୍ଡ ପୋଲିସ ଅଧିକାରୀ ନାରାୟଣ ନାୟକ, କରଞ୍ଜିଆ ଥାନା ଅଧିକାରୀ ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ଅପରାହ୍ନ ଗୋଟାଏ ବେଳେ ପହଞ୍ଚିଥିଲେ। ସେମାନେ ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରି ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ନିୟମ ଅନୁଯାୟୀ ସରକାରୀ ସହାୟତା ମିଳିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ଏହି ଅବସରରେ ମୃତଦେହର ସତ୍କାର ଲାଗି ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ପୋଲିସ ସୂଚନା ଅନୁଯାୟୀ, କରଞ୍ଜିଆଠାରୁ ୧୫ କି.ମି. ଦୂରରେ ଥିବା ହାତୀବାରି ବିଦ୍ୟାଳୟ ହଷ୍ଟେଲରେ ଏହି ଥାନା ଅଧୀନ ଖଡ଼ିକୁଦର ଗ୍ରାମର ସ୍ୱର୍ଗତ ଟିକାରାଣୀ ସୋରେନଙ୍କ ୨ ଝିଅ ରହି ପାଠ ପଢୁଥିଲେ। ତାଙ୍କ ସାନ ଝିଅ ସିନଗା ସୋରେନ (୧୪) ନବମ ଶ୍ରେଣୀରେ ପଢୁଥିଲେ। କିଛି ଦିନ ତଳେ ତାଙ୍କୁ ଜ୍ୱର ହୋଇଥିଲା। ଗତ ୨୪ ତାରିଖରେ ମାଟ୍ରନ ତାଙ୍କୁ ପରାସିଟାମଲ ବଟିକା ଖାଇବାକୁ ଦେଇଥିଲେ। ଜ୍ୱର ନ କମି ବଢିବାରୁ ସେ ଗୁରୁତର ହୋଇପଡିଥିଲେ । ତାଙ୍କୁ ଚିକିତ୍ସା ନିମନ୍ତେ ଗୁରୁବାର କରଞ୍ଜିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ପରେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଛାତ୍ରୀଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ମେଡିକାଲକୁ ନିଆଯିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା । ପରିବାର ଲୋକେ ମୃତଦେହକୁ ଗୁରୁବାର ରାତିରେ ଘରକୁ ଫେରାଇ ଆଣି ଶୁକ୍ରବାର ପର୍ବାହ୍ନରେ ବିଦ୍ୟାଳୟକୁ ଆଣିଥିଲେ। ସେମାନେ ମୃତଦେହ ରଖି କ୍ଷତିପୂରଣ ଦାବି କରିବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ବିଦ୍ୟାଳୟ ପରିଚାଳନା ସମସ୍ୟା ନେଇ ଶିକ୍ଷକ ଓ ହଷ୍ଟେଲ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଆକ୍ରମଣ କରିଥିଲେ । ଫଳରେ ପରିସ୍ଥିତି ଅଣାୟତ୍ତ ହୋଇପଡିଥିଲା। ପୋଲିସ ପହଞ୍ଚି ଅବସ୍ଥାକୁ ନିୟନ୍ତ୍ରଣ କରି ଛାତ୍ରୀଙ୍କ ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଲୋକଙ୍କ ଆକ୍ରମଣରେ ଆହତ ଜଣେ ହିନ୍ଦୀ ଶିକ୍ଷକଙ୍କୁ ପରେ ବାରିପଦା ମେଡିକାଲକୁ ପଠାଯାଇଥିବା ଜଣାପଡିଛି।


ଜଣେ ଆହତ ଶିକ୍ଷକଙ୍କୁ ଷ୍ଟ୍ରେଚରରେ କରଞ୍ଜିଆ ମେଡିକାଲ ଆଉଟଡୋରକୁ ନିଆଯାଉଛି।

## ଜାତୀୟ ଜୁନିୟର ଥ୍ରୋବଲ ଚମ୍ପିୟନଶିପରେ ମୟୂରଭଞ୍ଜର ମାନସ

ବାରିପଦା ଅଫିସ, ୨୭।୯

କେରଳ ରାଜ୍ୟ ଏର୍ଣ୍ଣାକୁଲମ ଜିଲାର ମାରମବିଲ୍ଲି ଅନ୍ତର୍ଗତ ଏମଇଏସ ମହାବିଦ୍ୟାଳୟରେ ଆସନ୍ତା ୬ ରୁ ୮ ତରିଖ ପର୍ଯ୍ୟନ୍ତ ଜାତୀୟ ଜୁନିୟର ଥ୍ରୋବଲ ଚମ୍ପିୟନଶିପ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡିଶାରୁ ୧୨ ଜଣ ଖେଳାଳି ଯୋଗ ଦେବେ। ଉକ୍ତ ଓଡିଶା ଟିମ୍‌ରେ ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ମାନସ ନାଏକ ଚୟନ ହୋଇ ସ୍ଥାନ ପାଇଛନ୍ତି । ଏଥିଲାଗି ମାନସଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂ, ବିଆର୍‌ସିସି ପ୍ରଭାତୀ ପଟ୍ଟନାୟକ, ରାଖାଲଗୋପ ଉଚ୍ଚ



ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ମହାନ୍ତ, ସରୋଜ କୁମାର ସାବତ, ଗଣେଶ ବେହେରା, ଗୌତମ ପଣ୍ଡା, ଜିତେନ ବାହାଦୁରରାମା ପ୍ରମୁଖ ଉପସ୍ଥିତ ରହି ମାନସଙ୍କୁ ସମ୍ବର୍ଦ୍ଧନା ଜଣାଥିଲେ।

# ପୁରୁଷ ବିଭାଗରେ ଏମପିସି , ମହିଳା ବିଭାଗରେ ବାରିପଦା ମହାବିଦ୍ୟାଳୟ ଚାମ୍ପିୟନ


ଚମ୍ପିୟନ ଦଳ ଓ ଅତିଥିବୃନ୍ଦ।

**ଆନ୍ତଃ ଜିଲା ମହାବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା**

ବାରିପଦା ଅଫିସ, ୨୭।୯

ମୟୂରଭଞ୍ଜ ଜିଲା ବାରିପଦା ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରିପଦା କଲେଜ ଇନ୍‌ଡୋର ଷ୍ଟାଡିୟମ ଠାରେ ଆନ୍ତଃ ମହାବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ୧୫ ମହାବିଦ୍ୟାଳୟରୁ ମହିଳା ପୁରୁଷ ଟିମ୍ ଯୋଗ ଦେଇଥିଲେ। ଫାଇନାଲ ଦିବସରେ ପୁରୁଷ ବିଭାଗରେ ଏମପିସି ଅଟୋନମସ୍ କଲେଜ ଓ ମହିଳା ବିଭାଗରେ ବାରିପଦା ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବାରିପଦା ମହାବିଦ୍ୟାଳୟର ଅଧକ୍ଷ ଡ.ତରୁଣ କୁମାର ଓଝା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଶ୍ୱ ବିଦ୍ୟାଳୟର କୁଳସଚିବ ଡ.ପ୍ରମୋଦ କୁମାର ଶତପଥୀ ଓ ଡ.ବିଶ୍ୱଜିତ ରଥ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ଅଟଳ କୁମାର ମହାନ୍ତ, ଡ.ପ୍ରବୋଧ କୁମାର ଦେ, ଅଧ୍ୟାପିକା ସଂଯୁକ୍ତାରାଣୀ ସୁର, ଶିବ କୁମାର, ବିପ୍ଳବ ଭଞ୍ଜନ ବିଦ୍ଧାଣି, କ୍ରୀଡା ଶିକ୍ଷକ ସତ୍ୟ ନାରାୟଣ ବାରିକ, ପ୍ରଦୀପ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପୁକ୍ତା ବାରିକ, ନିଶାନ୍ତ କୁମାର ରାମ ଓ କ୍ରୀଡ଼ା ଶିକ୍ଷକ ତାପସ କୁମାର ସାମଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# 'ସେବା ମନୁଷ୍ୟ ଜୀବନର ମୂଳମନ୍ତ୍ର'

## ଏନ୍‌ଏସ୍‌ଏସ୍‌ର ସୁବର୍ଣ୍ଣ ଜୟନ୍ତୀ ପ୍ରତିଷ୍ଠା ଦିବସ ସମାରୋହ

କପ୍ତିପଦା, ୨୭।୯(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ମହାବିଦ୍ୟାଳୟରେ ଯୁକ୍ତ୨ ଓ ଯୁକ୍ତ ୩ ଏନ୍‌ଏସ୍‌ଏସ୍‌ର ସୁବର୍ଣ୍ଣ ଜୟନ୍ତୀ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ପ୍ରୋଗ୍ରାମ ଅଫିସର ତଥା ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଇଂଲିଶ ବିଭାଗ ଅଧ୍ୟାପକ ଶରତ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ସେବା ମନୋବୃତ୍ତି ନେଇ ସଦାସର୍ବଦା କାର୍ଯ୍ୟ କରିବାକୁ ସ୍ୱେଚ୍ଛାସେବୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରବର୍ତ୍ତନ ପ୍ରୋଗ୍ରାମ ଅଫିସର ସରୋଜ କୁମାର ଲେଙ୍କା, କବିତା ମହାନ୍ତି, ଅଜିତ କୁମାର ସାହୁ ଜାତୀୟ ସେବା ଯୋଜନା ମାଧ୍ୟମରେ ବିଭିନ୍ନ ସାମାଜିକ କାର୍ଯ୍ୟ ହାତକୁ ନେବା ସକାଶେ ଗୁରୁତ୍ୱାରୋପ କରିଥିଲେ। ଆସନ୍ତା ଗାନ୍ଧୀ ଜୟନ୍ତୀରୁ ପ୍ଲାଷ୍ଟିକ୍ ବର୍ଜନ ଏବଂ ସଡ଼କ ସୁରକ୍ଷା ଉପରେ ସଚେତନ କରାଯିବା ସକାଶେ ବୈଠକରେ ସ୍ଥିର ହୋଇଥିଲା। ସେହିଭଳି ଯୁକ୍ତ ୩ ମହାବିଦ୍ୟାଳୟରେ ଦର୍ଶନ ବିଭାଗର ବରିଷ୍ଠ ଅଧ୍ୟାପକ ସୁରଞ୍ଜନ ଶତପଥୀଙ୍କ ଅଧ୍ୟକ୍ଷତାରେ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଓଡ଼ିଆ ବିଭାଗର ମୁଖ୍ୟ ପ୍ରଣବ କିଶୋର ପାଢ଼ୀ ଯୋଗଦେଇ କହିଥିଲେ, ସେବା ମନୁଷ୍ୟ ଜୀବନର ମୂଳମନ୍ତ୍ର। ଏହା ମାନବିକ ମୂଲ୍ୟବୋଧର ଊର୍ଦ୍ଧ୍ୱରେ। ଛାତ୍ରୀଛାତ୍ରମାନେ ଏହାକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରି ସମାଜର ସେବା ପାଇଁ ବ୍ରତୀ ହେବା ଦରକାର। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସରୋଜ କୁମାର ଲେଙ୍କା, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସୁବ୍ରତ କୁମାର ମିଶ୍ର ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଦୀପାଳି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଇତିହାସ ଅଧ୍ୟୟନ ଦିଏ ପ୍ରେରଣା

ଉଦଳା, ୨୭।୯ (ଡି.ଏନ.ଏ.) – ସ୍ଥାନୀୟ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ଜୟଶ୍ରୀ ଚୌଧୁରୀ ଏହି ଆଲୋଚନାଚକ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆଲୋଚନାର ଶୀର୍ଷକ ଥିଲା "ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବଙ୍କ ଭୂମିକା"। ଗଜପତିଙ୍କ କାର୍ଯ୍ୟ ଓ ପ୍ରତିଭାର ବିଭିନ୍ନ ଦିଗକୁ ଆଲୋଚନା କରାଯାଇ ଇତିହାସ ଅଧ୍ୟୟନ ଦ୍ୱାରା ଆମକୁ ପ୍ରେରଣା ମିଳିଥାଏ ବୋଲି ଆଲୋଚକମାନେ ମତ ବ୍ୟକ୍ତ କରିଥିଲେ। । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ମଞ୍ଜୁଳା କଲିଆ, ଅଧ୍ୟାପିକା ଅନୁରାଧା କବାଟ ଶୀର୍ଷକ ସମ୍ପର୍କରେ ପ୍ରଥମେ ବିସ୍ତୃତ ଭାବରେ ଆଲୋଚନା କରି ଛାତ୍ରୀମାନଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂଲିଶ ବିଭାଗ ଅଧ୍ୟାପକ ଶଶିଭୂଷଣ ପାଣିଗ୍ରାହୀ, ରବିନାରାୟଣ ମହାପାତ୍ର ଶୀର୍ଷକ ଉପରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନର ଅଧ୍ୟାପକ ଅଶ୍ୱିନୀ କୁମାର ବେହେରା ଇତିହାସ ପଠନର ଉପାଦେୟତା ସମ୍ପର୍କରେ ମତ ପ୍ରଦାନ କରିଥିଲେ । ଅଧ୍ୟାପକ ବିବେକାନନ୍ଦ ଦାସବାବୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ଲାଷ୍ଟିକ୍ ବର୍ଜନ ସଚେତନତା ଶୋଭାଯାତ୍ରା


ସଚେତନତା ଶୋଭାଯାତ୍ରାରେ ଉଦଳା ସହର ପରିକ୍ରମା କରାଯାଉଛି।

ଉଦଳା, ୨୭।୯ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ପୂର୍ତ୍ତ ବିଭାଗ ପକ୍ଷରୁ ଶୁକ୍ରବାର ପ୍ଲାଷ୍ଟିକ୍ ବର୍ଜନ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଏଥିରେ ଯୋଗ ଦେଇଥିଲେ । ସେମାନେ ସ୍ଥାନୀୟ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ଉଦଳା ମୁଖ୍ୟ ବଜାର, କଚେରି ବଜାର ପରିକ୍ରମା କରିଥିଲେ । ଶୋଭାଯାତ୍ରାରେ ଯୋଗ ଦେଇଥିବା ଛାତ୍ରୀମାନେ ମୁଖ୍ୟ ବଜାରର ବ୍ୟବସାୟୀମାନଙ୍କୁ ପଲିଥିନ୍ ବ୍ୟବହାର ବର୍ଜନ କରିବା ନିମନ୍ତେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ । ପ୍ଲାଷ୍ଟିକ୍ ବର୍ଜନ କରି ସୁନାର ଭାରତ ଗଠନ କରିବା ନିମନ୍ତେ ସେମାନେ ସ୍ଲୋଗାନ୍ ଦେଇଥିଲେ । ପରିଶେଷରେ ସ୍ଥାନୀୟ ଥାନା କ୍ୟାମ୍ପସରେ ଟୁକୁରା ପଲିଥିନ୍ ଗୋଟାଇ ସେମାନେ ଏହାର ପରିବେଶକୁ ପଲିଥିନ୍ ମୁକ୍ତ କରାଇଥିଲେ । ସହକାରୀ ଯନ୍ତ୍ରୀ ନରସିଂହ ମହାନ୍ତ ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଇଂ ତାପସ କୁମାର ମହାପାତ୍ର, ମହିଳା କଲେଜର ଅଧ୍ୟାପକ ରବିନାରାୟଣ ମହାପାତ୍ର, କର୍ମଚାରୀ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ପ୍ରସନ୍ନ କୁମାର ବାରିକ, ବିଦ୍ୟାଧର ମୁଦୁଲି ସମୂହ ପୂର୍ତ୍ତ ବିଭାଗ କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ ଫାଟକରେ ତାଲା

ବଡ଼ସାହି, ୨୭।୯(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତର ଆଡ଼ିଆସାହି ସରକାରୀ ଉପ୍ରା ସ୍କୁଲର ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟ ମିଶି ଶୁକ୍ରବାର ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ୧ମରୁ ୮ମଶ୍ରେଣୀ ପର୍ଯ୍ୟନ୍ତ ୧୭୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ମାତ୍ର ୬ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି । ବରିଷ୍ଠ ଶିକ୍ଷକ କେହି ନ ଥିବାରୁ ସ୍କୁଲ ପରିଚାଳନାରେ ଅବ୍ୟବସ୍ଥା ଲାଗି ରହୁଛି। ଶିକ୍ଷାଦାନ ଠାରୁ ଆରମ୍ଭ କରି ପାରିପାର୍ଶ୍ୱିକ ଉନ୍ନତି, ମଧ୍ୟାହ୍ନଭୋଜନ ପରିଚାଳନା, ପୋଷାକ ଓ ଜୋତା ବଣ୍ଟନରେ ଅବ୍ୟବସ୍ଥା ହେଉଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। ସ୍କୁଲରେ ଜଣେ ନିୟମିତ ବରିଷ୍ଠ ଶିକ୍ଷକ ନିଯୁକ୍ତି ଦାବି ନେଇ ସେମାନେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ବିଭାଗ କର୍ଣ୍ଣପାତ କରୁ ନ ଥିବାରୁ ପରିଚାଳନା କମିଟି ସଭାପତି କେ. ବେହେରାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ପୂର୍ବାହ୍ଣ ୧୦ଟାରୁ ସ୍କୁଲ ଫାଟକରେ ତାଲା ପକାଇଥିବା କହିଥିଲେ। ଅସନ୍ତୋଷ ଆନ୍ଦୋଳନ ରୂପ ନେଇଥିବା ଖବର ପାଇ ବଡ଼ସାହି ବିଇଓ ଦେବବ୍ରତ ବାରିକ, ସିଆରସିସି ସଞ୍ଜୟ କୁମାର ଜେନା ଓ ମାଣତ୍ରୀ ଫାଣ୍ଡି ଅଧିକାରୀ ନିର୍ମଳ କୁମାର ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ । ସୋମବାର ସୁଦ୍ଧା ଜଣେ ବରିଷ୍ଠ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।


ଗ୍ରାମବାସୀ ଆଡ଼ିଆସାହି ଉପ୍ରା ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି।

**OFFICE OF THE BALASORE MUNICIPALITY, BALASORE**

No. 5720 Date: 27.09.19

**E-Procurement Notice**

**BID Identification No.BM_02_2019-20**

Bid Documents consisting of Work, Estimated Cost, Cost of Tender Paper (Online), EMD(Online), time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

| | | | |
|---|---|---|---|
| 1. | Name of the Work | : | Civil Const. Works as mentioned in DTCN |
| 2. | No. of works | : | 1 no (Repair and Renovation of Gandhi Smruti Bhavan) |
| 3. | Estimated Cost | : | 16,50,000/- |
| 4. | Period of Completion | : | 60 Days |
| 5. | Date and Time of Bidding | : | 30.09.2019 to 11.10.2019 |
| 6. | Last date and time for receipt of bids in the portal | : | 11.10.2019 upto 5 PM |
| 7. | Bids received online shall be opened on | : | 14.10.2019, 11 AM onwards |
| 8. | Name and address of the Officer Inviting Bid | : | Executive Officer, Balasore Municipality |

Further details can be seen from the e-procurement portal i.e. https://tendersodisha.gov.in/nicgep/app.

**Sd./- Executive Officer, Balasore Municipality**

## ସଂକ୍ଷେପରେ

### ବଜ୍ରପାତରେ ୨ଗୋରୁ ମୃତ

ତେଲକୋଇ, ୨୭।୯(ଡି.ଏନ.ଏ.)- ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ପଞ୍ଚାୟତ ମୁଖ୍ୟାଳୟ ଠାରେ ବଜ୍ରପାତରେ ୨ଗୋରୁ ଶୁକ୍ରବାର ଅପରାହ୍ନରେ ପ୍ରାଣ ହରାଇଛନ୍ତି। ଶୁକ୍ରବାର ୪ଟାରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ଆରମ୍ଭ ହୋଇଥିଲା। ଏହି ବଜ୍ରପାତରେ ନିଶା ଖୁଣ୍ଟିଆ ଏବଂ ବୃନ୍ଦାବନ ଖୁଣ୍ଟିଆଙ୍କ ୨ ଗୋରୁ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୮ରୁ ଉର୍ଦ୍ଧ୍ୱ ଗୋରୁ ଅସୁସ୍ଥ ହୋଇପଡିଛନ୍ତି । ଏନେଇ ପ୍ରାଣୀ ଚିକିତ୍ସକ ସୂଚନା ପାଇବା ପରେ ଘଟଣା ସ୍ଥଳକୁ ଯାଇଛନ୍ତି । ଗୋରୁ ଗାଈଙ୍କ ବଜ୍ରପାତ ଜନିତ ଦୁର୍ଘଟଣାର କ୍ଷତିପୂରଣ ଦେବା ପାଇଁ ଦାବି ହୋଇଛି।

### ଏନ୍‌ଏଚ୍ ସଫେଇ

କେନ୍ଦୁଝର, ୨୭।୯ (ସ୍ୱ.ପ୍ର.)- ସ୍ଥାନୀୟ ଜାତୀୟ ରାଜପଥ ୨୦ର ପଦ୍ମପୁର ଠାରେ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ସଫେଇ କାର୍ଯ୍ୟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏନ୍‌ଏଚ୍‌ଏଆ ର ସାଇଟ ଇଞ୍ଜିନିୟର ଇଂ ସାହା ବାବୁ, ସାଇ କନସଲଟିଙ୍ଗ ଇଞ୍ଜିନିୟର ଅମିତ କୁମାର ସିଂହ ଓ ଅମିତ ଅନୁପମ, ସ୍ଥାନୀୟ ଟୋଲ ପ୍ଲାଜାର ପିଏମ ସଞ୍ଜୟ କୁମାର ମହାନ୍ତି, ସେଫଟି ଇନଚାର୍ଜ ଲିଙ୍ଗରାଜ ବାରିକଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ । ଏନ୍‌ଏଚ୍‌ରେ ପଡିଥିବା ପ୍ଲାଷ୍ଟିକ ଜରି, ବୋତଲ ଆଦି ମଇଳା ଆବର୍ଜନା ସଫେଇ କରାଯାଇଥିଲା।

### ଶେଷରେ ଟ୍ରାକ୍ଟରରେ ଗଲା ରାଶନ ସାମଗ୍ରୀ

ତେଲକୋଇ, ୨୭।୯(ଡି.ଏନ.ଏ.)- ତେଲକୋଇ ବ୍ଲକ ଅନ୍ତର୍ଗତ ତାଳପଦା ପଞ୍ଚାୟତର ରାସ୍ତା ଖରାପ ଯୋଗୁ ପିଡିଏସ ଯୋଜନାରେ ଚାଉଳ, ଗହମ ସାମଗ୍ରୀ ପହଞ୍ଚି ପାରୁନାହିଁ । ରାସ୍ତାର ଅବସ୍ଥା ଶୋଚନୀୟ ଯୋଗୁ ମଝି ରାସ୍ତାରେ ବିଭାଗର ପିଡିଏସ ସାମଗ୍ରୀ ଗାଡି ଅଟକି ରହିଥିଲା। ଏହାକୁ ପଞ୍ଚାୟତରେ ପହଞ୍ଚାଇବା ପାଇଁ ଗୁରୁବାର ଏକ ଟ୍ରାକ୍ଟର ସହାୟତାରେ ମୁଖ୍ୟାଳୟକୁ ନିଆଯାଇଥିଲା। ପ୍ରତି ପଞ୍ଚାୟତକୁ ରାସ୍ତା ନିର୍ମାଣ ଯୋଜନା କରାଯାଉଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ଅଲଗା। ତାଳପଦା ପଞ୍ଚାୟତ ରାସ୍ତା ପାଇଁ ଗ୍ରାମ୍ୟ ଓ ଗୃହ ନିର୍ମାଣ ଅଧୀନରେ ପ୍ରଧାନ ମନ୍ତ୍ରୀ ସଡକ ଯୋଜନାରେ କାମ କରାଯାଇ ୧୯୧୭ ମାର୍ଚ୍ଚ ମାସ ସୁଦ୍ଧା ଶେଷ କରିବାର ଲକ୍ଷ୍ୟ ରହିଥିଲା । ଉପଯୁକ୍ତ ତଦାରଖ ଅଭାବରୁ କାର୍ଯ୍ୟ ଶେଷ ନ ହେବା ନେଇ ପଞ୍ଚାୟତ ବାସୀ ପ୍ରଶ୍ନ ଉଠାଇଛନ୍ତି।

■ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଛାତ୍ରଅଶାନ୍ତି

# ପୁଣି ତାଲା ପକାଇ, ଘେରାଉ କଲେ

କେନ୍ଦୁଝର, ୨୭।୯ (ସ୍ୱ.ପ୍ର.)


ଛାତ୍ରୀଛାତ୍ର କଲେଜ ସମ୍ମୁଖରେ ଆନ୍ଦୋଳନ କରୁଛନ୍ତି।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କେନ୍ଦୁଝର ଦ୍ୱିତୀୟ କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ପୁଣି ତେଜିଲା । ଗତ ୨୫ ତାରିଖରୁ ଏଠାରେ ଛାତ୍ରୀଛାତ୍ର ଆନ୍ଦୋଳନ ଆରମ୍ଭ କରି ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ । ଜିଲାପାଳ ଏହି ସବୁ ସମସ୍ୟାକୁ ନେଇ ପୂର୍ତ୍ତ ବିଭାଗ ଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ସେହିପରି ଶୁକ୍ରବାର ଦିନ ପୂର୍ତ୍ତ ବିଭାଗର ଯନ୍ତ୍ରୀ ବିଶ୍ୱବିଦ୍ୟାଳୟ ପରିସରକୁ ଯାଇଥିବା ବେଳେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରୁ ଆସିଥିବା ପିଜି କାଉନସିଲ ଅଧ୍ୟକ୍ଷ, ରେଜିଷ୍ଟ୍ରାର, କଣ୍ଟ୍ରୋଲର ଫାଇନାନ୍ସ, ଡେଭେଲପମେଣ୍ଟ ଅଫିସରଙ୍କୁ ଛାତ୍ରୀଛାତ୍ର ଘେରାଉ କରିଥିଲେ। ଏଥିସହ ଛାତ୍ରୀଛାତ୍ର ତାଲା ପକାଇ ଆନ୍ଦୋଳନ ଜାରି ରଖିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବାରେ ପ୍ରଶାସନ ତଥା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିଫଳ ହେଉଥିବାରୁ ସେମାନେ ଅଭିଯୋଗ କରିବା ସହ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଅଭିଯୋଗ ଅନୁଯାୟୀ ରାସ୍ତା ଘାଟ ଶୋଚନୀୟ ହୋଇପଡିଥିବାରୁ ଯାତାୟାତ କରି ପାରୁନାହାନ୍ତି। ଅଧ୍ୟାପକ ଅଭାବରୁ ପାଠ ପଢା ଠିକ ଭାବରେ ହୋଇପାରୁନାହିଁ। ହଷ୍ଟେଲ ନ ଥିବାରୁ ଛାତ୍ରଙ୍କୁ ବାହାରେ ରହିବାକୁ ପଡୁଥିବା ବେଳେ ଛାତ୍ରୀ ମାନେ ପ୍ରାୟ ୪ କି.ମି. ଦୂରରେ ରହି ଯିବା ଆସିବା କରୁଥିବାରୁ ବହୁ ସମସ୍ୟା ଭୋଗୁଛନ୍ତି। ଯାତାୟତ ପାଇଁ ଗାଡିର ମଧ୍ୟ ବ୍ୟବସ୍ଥା ନାହିଁ। ଏଣୁ ଚାଲି ଚାଲି କିମ୍ବା ଖର୍ଚ୍ଚାନ୍ତ ହୋଇ ଅଟୋ ଭଡା କରି ଯାଉଛନ୍ତି। ଏଠାରେ ଏହିଭଳି ସମସ୍ୟା ରହିଥିବାରୁ ଛାତ୍ରୀଛାତ୍ର, ଅଭିଭାବକ ତଥା କେନ୍ଦୁଝର ବାସୀ ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସେହିପରି ନାମ ଲେଖିବା ବେଳେ ଦିଆ ଯାଉଥିବା ପ୍ରତିଶ୍ରୁତି ପାଳନ ହେଉ ନ ଥିବାରୁ କୁହୁଳୁଥିବା ଅସନ୍ତୋଷ ଏଭଳି ଆନ୍ଦୋଳନର ରୂପ ନେଉଛି ବୋଲି ମତ ପ୍ରକାଶ ପାଉଛି।

## ଅସଦାଚରଣ ଅଭିଯୋଗ: ୨ ଶିକ୍ଷକ ନିଲମ୍ବିତ

ପାଟଣା, ୨୭।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକର ଦୁଇଜଣ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅସଦାଚରଣ କରି କାର୍ଯ୍ୟରୁ ନିଲମ୍ବିତ ହୋଇଥିବା ଜଣାପଡ଼ିଛି। ନିଲମ୍ବିତ ହୋଇଥିବା ଶିକ୍ଷକ ୨ଜଣ ହେଉଛନ୍ତି କଣ୍ଟିଆପଡା ପଞ୍ଚାୟତ ମାନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମହାନ୍ତ ଓ ଚାକୁଣ୍ଡା ପାଳ ପଞ୍ଚାୟତ ସରଧାପୁର ଇରିଙ୍ଗି ସାହି ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନରହରି ମହାନ୍ତ । ପ୍ରଥମ ଘଟଣାରେ ସମ୍ପୃକ୍ତ ଶିକ୍ଷକ ଜଣକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିବାବେଳେ ଦ୍ୱିତୀୟ ଘଟଣାଟିରେ ଶିକ୍ଷକ ଜଣକ ଜଣେ ଅଙ୍ଗନୱାଡି କର୍ମୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଉଭୟଙ୍କୁ ଅସଦାଚରଣ ଅଭିଯୋଗରେ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାତ ଅଗଷ୍ଟ ୧୬ ତାରିଖରୁ ନିଲମ୍ବନ କରିଛନ୍ତି।

## କଲମ ଛାଡ଼ ଆନ୍ଦୋଳନ ପ୍ରତ୍ୟାହୃତ

ହାଟଡିହୀ, ୨୭।୯(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବିଡିଓ ସୁଶାନ୍ତ ବାରିକଙ୍କୁ ଗତ ମଙ୍ଗଳବାର କେତେକ ବ୍ୟକ୍ତି ବ୍ଲକ କାର୍ଯ୍ୟାଳୟରେ ପଶି ଦୁର୍ବ୍ୟବହାର କରିବା ସହ ବିଭିନ୍ନ ପ୍ରକାର ଭୟପୂର୍ଣ୍ଣ ଧମକ ଦେଇଥିଲେ। ଏହି ଘଟଣାରେ ବିଡିଓଙ୍କ ଅଭିଯୋଗକୁ ଆଧାର କରି ନନ୍ଦିପଦା ପୋଲିସ ଏକ ମାମଲା (ନଂ ୯୨/୨୦୧୯) ରୁଜୁ କରି ବୁଧବାର ଅମରେଶ ଜେନା ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ତେବେ ଏହି ଘଟଣାରେ ସାମିଲ ଥିବା ଅନ୍ୟ ବ୍ୟକ୍ତି ବିଶେଷ ତଥା ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଶୁକ୍ରବାର ବ୍ଲକର କର୍ମଚାରୀମାନେ କଲମ ଛାଡ ଆନ୍ଦୋଳନ କରିଥିଲେ। ଆନନ୍ଦପୁର ଡିଏସପି ବିଦ୍ୟୁତ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ପର୍ଯ୍ୟଟନ ଦିବସ ପାଳିତ

ଢେଙ୍କିକୋଟ, ୨୭।୯(ଡି.ଏନ୍.ଏ.)

ଶୁକ୍ରବାର ଥିଲା ବିଶ୍ୱ ପର୍ଯ୍ୟଟନ ଦିବସ। ଏହି ଅବସରରେ କେନ୍ଦୁଝର ଜିଲା ପର୍ଯ୍ୟଟନ ବିଭାଗ ତରଫରୁ ବହୁଚର୍ଚ୍ଚିତ ପୌରାଣିକ ଐତିହ୍ୟ ପୀଠ ସୀତାବିଞ୍ଜିଠାରେ ଥିବା ମା’ ସୀତା ଠାକୁରାଣୀଙ୍କ ପୀଠରେ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ପୂର୍ବାହ୍ନ ୯ଟାବେଳେ ମା’ ସୀତା ଠାକୁରାଣୀଙ୍କ ଭଣ୍ଡାର ଘରଠାରୁ ପର୍ଯ୍ୟଟନ ସମ୍ପର୍କିତ ଏକ ରାଲି ଗ୍ରାମବାସୀ ଡାଙ୍ଗୁଆପଶି ସେବାଶ୍ରମ ସ୍କୁଲର ଛାତ୍ରୀଛାତ୍ର ଏବଂ ମନୋହରପୁର ନବକୁଶ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଜନସଚେତନ କାର୍ଯ୍ୟକ୍ରମ ଡାଙ୍ଗୁଆପଶି ସାହି ବସ୍ତି ବୁଲିଥିଲେ। ଏହି ପର୍ଯ୍ୟଟନ ଦିବସ ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ସମ୍ମାନନୀୟ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଜିଲା ରେଡକ୍ରସର ଯୁଗ୍ମ ସମ୍ପାଦକ ଏଆର ଖାଁ, ନବକୁଶ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦିବାକର ମହାନ୍ତ, ଡାଙ୍ଗୁଆ ପଶି ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମନୋହରପୁର ସରପଞ୍ଚ–ସମିତି ସଭ୍ୟା ଲୋଚନ ନାୟକ, ସୀତା ଠାକୁରାଣୀ ଟ୍ରଷ୍ଟର ସଭାପତି ଦୁଃଶାସନ ନାୟକ ସମ୍ପାଦକ ମନୋଜ ନାୟକଙ୍କ ସମେତ ଜିଲା ପର୍ଯ୍ୟଟନ ବିଭାଗର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି ରାଲିକୁ ମୁଖ୍ୟଅତିଥି ପାଢ଼ୀ ଏବଂ ସଂସ୍କୃତି ବିଭାଗକୁ ଅଧିକାରୀ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ। ପର୍ଯ୍ୟଟନ ବିଭାଗର ବରିଷ୍ଠ କିରାଣୀ ସନ୍ତୋଷ କୁମାର ପାଢ଼ୀ ଛାତ୍ରୀଛାତ୍ର ଏବଂ ଉପସ୍ଥିତ ଗ୍ରାମବାସୀ ପର୍ଯ୍ୟଟକଙ୍କୁ ଅତିଥିମାନେ ଏହି ଦିବସ ସମ୍ପର୍କରେ ଅବଗତ କରାଇ ପର୍ଯ୍ୟଟକଙ୍କୁ ପର୍ଯ୍ୟଟନସ୍ଥଳୀକୁ ସଦାସର୍ବଦା ସଫସୁତୁରା ରଖି ଆକୃଷ୍ଟ କରିବା ଭଳି କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ସାଧାରଣ ଜ୍ଞାନ ପ୍ରଶ୍ନ ଉତ୍ତର ହୋଇଥିଲା। ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସଫେଇ କାର୍ଯ୍ୟକ୍ରମ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମାତ୍ର ଜିଲାପାଳ ଉପସ୍ଥିତି ନିମନ୍ତେ ସହମତି ପ୍ରଦାନ କରି ଯୋଗ ନ ଦେବାରୁ ସମସ୍ତେ ଅଶାନ୍ତି ହୋଇଥିଲେ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ

ଆନନ୍ଦପୁର, ୨୭।୯(ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକ ପରିସରରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶୁଭ୍ରବାଳା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କେନ୍ଦୁଝର ଜିଲା ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମିନତି ନାଇକ ମଧ୍ୟ ଉପସ୍ଥିତ ଥିଲେ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ମତ୍ସ୍ୟ ଓ ପ୍ରାଣୀ ପାଳନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ବିଦ୍ୟୁତ ଯୋଗାଣ, ଉଠାଜଳସେଚନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଆନନ୍ଦପୁରର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲାପରିଷଦ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ୩ ମଦ ବେପାରି ଗିରଫ

ପାଟଣା ୨୭।୯(ସ୍ୱ.ପ୍ର.)

ପାଟଣା ଅବକାରୀ ଥାନା ପକ୍ଷରୁ ବିଭିନ୍ନ ଗ୍ରାମରେ ଶୁକ୍ରବାର ଚଢ଼ାଉ କରାଯାଇ ୭୦ ଲିଟର ବେଆଇନ ଦେଶୀ ମହୁଲି ମଦ ସହ ୬ଲିଟର ବିୟର ଜବତ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୩ ଜଣ ବ୍ୟକ୍ତିଙ୍କୁ ଅବକାରୀ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ତୁରୁମୁଙ୍ଗା ଥାନା କେନ୍ଦେଇପଶି ଗ୍ରାମର ଉର୍ମିଳା ବେହେରା, କଣ୍ଟିଆପଡାର ବିନ ବେହେରା ଓ ଖିରେଇ ଟାଙ୍ଗିରି ଗ୍ରାମର ରବି ନାଏକ । ବିନ ଓ ଉର୍ମିଳାଙ୍କ ଠାରୁ ୧୦ଲିଟର ଲେଖାଏଁ ମଦ ଓ ରବିଙ୍କ ଠାରୁ ୬ଲିଟର ବିୟର ଜବତ ହୋଇଥିବା ବେଳେ କଣ୍ଟିଆପଡା ରାସ୍ତାରୁ ୫୦ଲିଟର ମହୁଲୀ ମଦକୁ ଅବକାରୀ ବିଭାଗ ଜବତ କରିଛି। ଏହି ଚଢ଼ାଉରେ ପାଟଣାଅବକାରୀ ଉପନିରୀକ୍ଷକ ଦିଲୀପ କୁମାର ତଣ୍ଡିଙ୍କ ସହ ଏଏସଆଇ ପୁଷ୍ପଲତା ଗୋସ୍ୱାମୀ,ଜନାର୍ଦ୍ଦନ ପଲେଇ, ଯତୀନ୍ଦ୍ର କୁମାର ମହାନ୍ତ ଓ ରଞ୍ଜନ କୁମାର ସାହୁ ପ୍ରମୁଖ ସାମିଲ ଥିଲେ।

## ଆରଟିଓ ଅଫିସରୁ ୬, ମେଡିକାଲରୁ ୪ ଦଲାଲ ଗିରଫ

କେନ୍ଦୁଝର, ୨୭।୯ (ସ୍ୱ.ପ୍ର./ଡି.ଏନ.ଏ.)


ଗିରଫ ହୋଇଥିବା ଦଲାଲ।

କେନ୍ଦୁଝର ପୋଲିସ ପକ୍ଷରୁ ସ୍ଥାନୀୟ ଆରଟିଓ କାର୍ଯ୍ୟାଳୟ ଉପରେ ଚଢ଼ାଉ କରି ୬ ଦଲାଲଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଭବାନୀ ଜେନା, ପ୍ରଶାନ୍ତ କୁମାର ବେବର୍ତ୍ତା, ମନ୍ମଥ ବାରିକ, ଶରତ ଚନ୍ଦ୍ର କର, ଉମାକାନ୍ତ ମହାନ୍ତ, ସପନ କୁମାର ସାହୁ । ସେମାନଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ପି.ଜେ.ଟପୋ କହିଛନ୍ତି। ସେମାନଙ୍କ ବିରୋଧରେ ଏକ ମାମଲା (ନଂ.୨୬୩/୨୦୧୯) ରୁଜୁ କରାଯାଇଛି। ଅନ୍ୟପକ୍ଷେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନା ସମ୍ମୁଖରୁ ୪ଜଣ ଦଲାଲଙ୍କୁ ପୋଲିସ ଗିରଫ କରିଛି। ଏହି ଦଲାଲମାନେ ବ୍ଲଡ ବ୍ୟାଙ୍କକୁ ଆସୁଥିବା ଗରୀବ ରୋଗୀଙ୍କୁ ରକ୍ତ ଯୋଗାଡ କରିଦେବା ଆଳରେ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିଲେ। ଅସହାୟ ଗରୀବ ଲୋକ ରକ୍ତ ପାଇଁ ଆବଶ୍ୟକସ୍ଥଳରେ ୩ରୁ ୫ହଜାର ଟଙ୍କା ଦେଇ ରକ୍ତ କିଣୁଥିଲେ। ଦୀର୍ଘଦିନ ଧରି ଏହି ର୍ୟାକେଟ ସକ୍ରିୟ ଥିବାବେଳେ ଅଟକ ଥିବା ଦଲାଲଙ୍କ ସହ ବ୍ଲଡ ବ୍ୟାଙ୍କର କର୍ମଚାରୀ ଜଡିତ ଅଛନ୍ତି କି ନାହିଁ ସେ ଦିଗରେ ପୋଲିସ ତଦନ୍ତ ଜାରି ରହିଛି। ଅନ୍ୟ ୪ ଜଣ ଦଲାଲ ବାବୁଲି ମଲ୍ଲିକ, ରାଜୁ ସାହୁ, ସନ୍ତୋଷ ସାହୁ, ରଞ୍ଜନ ନାଏକଙ୍କୁ ମଧ୍ୟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେଇଥିଲେ । ସେମାନଙ୍କ ଠାରୁ ପୋଲିସ ୩୫୦୦ ଟଙ୍କା ଜବତ କରିଛି। ଦଲାଲଙ୍କ ସହିତ ପୋଲିସ, ବ୍ଲଡ ବ୍ୟାଙ୍କ କର୍ମଚାରୀ, ଘରୋଇ ନର୍ସିଂହୋମ, ଘରୋଇ ଡାଇଗ୍ନୋଷ୍ଟିକ ସେଣ୍ଟର ସମ୍ପୃକ୍ତିକୁ ନେଇ ଯାଞ୍ଚ କରାଯାଉଥିବା ବେଳେ ସାଧା ପୋଷାକରେ ପୋଲିସ ଡାକ୍ତରଖାନା ପରିସରରେ ଏସବୁ ଉପରେ ନଜର ରଖୁଥିବା ସୂଚନା ଦେଇଛନ୍ତି। ସେହିପରି ଜିଲାର ଉପଖଣ୍ଡ ଡାକ୍ତରଖାନା ଉପରେ ନଜର ରଖାଯାଇଥିବା ଏସଡିପିଓ କହିଛନ୍ତି।

### ବଡ଼ବିଲ ଆରଟିଓ ଅଫିସରୁ ୨ଦଲାଲ ଗିରଫ

ବଡ଼ବିଲ,୨୭।୯(ସ୍ୱ.ପ୍ର.)–ବଡ଼ବିଲସ୍ଥିତ ଆରଟିଓ ଅଫିସରୁ ୨ ଦଲାଲଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ବଡ଼ବିଲ ଷ୍ଟେଶନ ରୋଡ଼ ଅଞ୍ଚଳର ଅରୁଣ କୁମାର ସାହୁ ଓ ୭ ନଂ. ୱାର୍ଡର ଶଶୀଭୂଷଣ ମିଶ୍ର। ସେମାନଙ୍କ ନିକଟରୁ ପୋଲିସ ଲର୍ନର୍ସ ଲାଇସେନ୍ସ, ରେଜିଷ୍ଟ୍ରେସନ ସାର୍ଟିଫିକେଟ,ସ୍ମାର୍ଟ କାର୍ଡ ଓ ଅନ୍ୟାନ୍ୟ ଦସ୍ତାବିଜ ଜବତ କରିଛି। ଏ ନେଇ ବଡ଼ବିଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଦଲାଲଙ୍କୁ ଆସନ୍ତା କାଲି କୋର୍ଟ ଚାଲାଣ କରାଯିବା ନେଇ ଥାନା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

## ମଡେଲିଙ୍ଗ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କେନ୍ଦୁଝର, ୨୭।୯ (ସ୍ୱ.ପ୍ର.)


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ମିନି ଷ୍ଟାଡିୟମଠାରେ ନେତାଜୀ ଯୁବକ ସଂଘ ଆନୁକୂଲ୍ୟରେ ୨୪ତମ ବାର୍ଷିକୀ ମଡେଲିଙ୍ଗ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ୪ନମ୍ବର ଜୋନ ଜିଲା ପରିଷଦ ରଥ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ଗୋବର୍ଦ୍ଧନ ସରପଞ୍ଚ ସତ୍ୟଭାମା ମୁଣ୍ଡା, ସେଣ୍ଡକାପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ ପାଲା ଗାୟକ ଯୁଗଳ କିଶୋର ବେହେରା, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯଦୁମଣି ମହାନ୍ତ, ବରିଷ୍ଠ ବ୍ୟକ୍ତି ଶରତ ମହାନ୍ତ, ରସାନନ୍ଦ ମହାନ୍ତ, ଦୟାନିଧି ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ। ଶୁକ୍ରବାର ଅନୁଷ୍ଠିତ ହୋଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ କରଞ୍ଜିଆପଡା ଜିତିଥିବା ବେଳେ ବାଜୁଣିଟାଙ୍ଗର, ସିଲିସୁଆଁ ଏବଂ ପିଆରସିଡି ରାଇସୁଆଁ କ୍ୱାଟରଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଫୁଟବଲ ଟୁର୍ନାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରୁଛନ୍ତି। ରେଫରୀ ଭାବେ ଦାମୋଦର କାରୁଆ ଓ ଫିରୋଜ କୁମାର ଏବଂ ମହିଳା ରେଫରୀ ଭାବେ ରାଞ୍ଚିରୁ ଆସିଥିବା ରେଫରୀ ମିସ ରାନୁ ଏବଂ ଅଞ୍ଜୁ ଖେଳ ପରିଚାଳନା କରି ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ବିଶିଷ୍ଟ କମେଣ୍ଟେଟର ଯନ ଏବଂ ରବି ମ୍ୟାଚ ଗୁଡିକର ଧାରା ବିବରଣୀ ପ୍ରଦାନ କରିଥିବାବେଳେ କ୍ଲବ ସଭାପତି ଗତିକୃଷ୍ଣ ମହାନ୍ତ, ସମ୍ପାଦକ ମାନସ ମହାନ୍ତ, କୋଷାଧ୍ୟକ୍ଷ ସତ୍ୟନାରାୟଣ, ପଦ୍ମଲୋଚନ, ଦାଶରଥି, ରଶ୍ମି, ସିପୁନ ଏବଂ ସମସ୍ତ ସଦସ୍ୟ ମାନଙ୍କ ମିଳିତ ସହଯୋଗରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା। ଫାଇନାଲ ମ୍ୟାଚ ଆସନ୍ତା ରବିବାର ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ।

## ସଙ୍ଗୀତ, ନୃତ୍ୟ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ

ପାଟଣା,୨୭।୯(ସ୍ୱ.ପ୍ର.)


 କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପାଟଣା ବ୍ଲକ ମୁଖ୍ୟାଳୟରେ ଥିବା ସେଣ୍ଟ୍ ଜାଭିୟର୍ସ ସ୍କୁଲ ପରିସରରେ ଶୁକ୍ରବାର ‘ଆଶା– ଶିକ୍ଷାର ଆଲୋକ’ ଟ୍ରଷ୍ଟ ପକ୍ଷରୁ ସ୍ୱତନ୍ତ୍ର ଭାବେ ସଙ୍ଗୀତ ଓ ନୃତ୍ୟ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଆୟୋଜିତ ଉତ୍ସବରେ ଶିକ୍ଷକ ପାର୍ଥସାରଥି ବେଜଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ପାଟଣା ତହସିଲଦାର ଶିବପ୍ରସାଦ ମୁର୍ମୁ ,ଟ୍ରଷ୍ଟର ପ୍ରତିଷ୍ଠାତା ସମ୍ପାଦକ ସାମାଜିକ କର୍ମୀ ଅଜୟ କୁମାର ଦାଶ, ନୃତ୍ୟ ଗୁରୁ ସଞ୍ଜୟ କୁମାର ଦାଶ, ସଙ୍ଗୀତ ଗୁରୁ କାହ୍ନୁ ଚରଣ ବେହୁରା, ଘଟଗାଁ ତାରିଣୀ ନୃତ୍ୟ ଶିକ୍ଷା କେନ୍ଦ୍ରର ସଭାପତି ରଞ୍ଜନ ନାଏକ, ବିଦ୍ୟାଳୟର ଅଧକ୍ଷ ରବିନାରାୟଣ ପାତ୍ର, ଅବିନାଶ ଦାଶ ପ୍ରମୁଖ ଯୋଗଦେଇ ସଙ୍ଗୀତ ଆଉ ନୃତ୍ୟ କେନ୍ଦ୍ରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ପରେ ଚିନ୍ମୟ କୁମାର ଦାଶ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଆବାସିକ ବିଦ୍ୟାଳୟରେ ଉଚ୍ଚମାନର ବ୍ୟବସ୍ଥା ପ୍ରଚଳନ କର୍ମଶାଳା

କେନ୍ଦୁଝର, ୨୭।୯ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସ, ଛାତ୍ରୀନିବାସ ଗୁଡ଼ିକରେ ଉଚ୍ଚମାନର ବ୍ୟବସ୍ଥା ପ୍ରଚଳନ ସମ୍ପର୍କିତ ଏକ କର୍ମଶାଳା ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କର ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଓ କେନ୍ଦୁଝର ଜିଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ତଥା ନାବେଟ କ୍ୱାଲିଟି କଣ୍ଟ୍ରୋଲ ଅଫ୍ ଇଣ୍ଡିଆ ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାରେ ଅଧ୍ୟକ୍ଷତା କରି ଜିଲାପାଳ ଆଶିଷ ଠାକରେ କହିଥିଲେ ଯେ ଆବାସିକ ବିଦ୍ୟାଳୟ ଛାତ୍ରାବାସ/ଛାତ୍ରୀନିବାସଗୁଡିକରେ ଉଚ୍ଚମାନର ବ୍ୟବସ୍ଥା ପ୍ରଚଳନ କରିବା ସହିତ ଭିତ୍ତିଭୂମିର ବିକାଶ ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ହେଉଛି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ପିଲାମାନଙ୍କର ଶିକ୍ଷା ଓ ବ୍ୟକ୍ତିତ୍ୱ ବିକାଶ ସହିତ ଶାରୀରିକ ଓ ମାନସିକ ବିକାଶ ପାଇଁ ସରକାରଙ୍କ ତରଫରୁ ଅନେକ ପଦକ୍ଷେପ ନିଆଯାଉଛି। ଏତଦ୍‌ବ୍ୟତୀତ ପିଲାମାନଙ୍କର ସୁରକ୍ଷା ଓ ନିରାପତ୍ତା ଉପରେ ଗୁରୁତ୍ୱାରୋପ କରି କୌଣସି ପରିସ୍ଥିତିରେ ଏହା ସହ ସାଲିସ୍ କରାଯିବ ନାହିଁ ବୋଲି କହିଥିଲେ । ଏହି କର୍ମଶାଳାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କେନ୍ଦୁଝରର ପ୍ରକଳ୍ପ ପ୍ରଶାସକ ନାରାୟଣ ମୁର୍ମୁ, ଜିଲାମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ ଉପସ୍ଥିତ ଥିଲେ । ନାବେଟ୍ କ୍ୟୁସିଆଇ ସଂସ୍ଥାର ସିଇଓ ଡଃ ମନୀଷ କୁମାର, ବରିଷ୍ଠ ପରାମର୍ଶଦାତା ମଧୁ ଆଲୁୱାଲିଆ, ସହ ନିର୍ଦ୍ଦେଶକ ସୌରଭ ଆରୋରା ଏବଂ ଅନୁସୂଚିତ ଜନଜାତି ଓ ଜାତି ବିଭାଗର କନସଲଟାଣ୍ଟ ସୋନୀ ରାଉତ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। କର୍ମଶାଳାରେ ଜିଲାର ସମଗ୍ର ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ମାଟ୍ରନ, କଲ୍ୟାଣ ବିଭାଗର ଯନ୍ତ୍ରୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଓ ମଙ୍ଗଳ ସଂପ୍ରସାରଣ ଅଧିକାରୀମାନେ ଯୋଗଦେଇ ଏଥିରେ ଅଂଶ ଗ୍ରହଣ କରିଥିଲେ । କର୍ମଶାଳାପରେ ନାବେଟ୍‌ର କର୍ମକର୍ତ୍ତା କେତେକ ଆବାସିକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ।

## ରାଜ୍ୟ ବିରୋଧରେ ଭାଜପାର ବିକ୍ଷୋଭ

କେନ୍ଦୁଝର, ୨୭।୯ (ସ୍ୱ.ପ୍ର./ଡି.ଏନ.ଏ.)


ଭାଜପା କର୍ମୀମାନେ ବିକ୍ଷୋଭ କରୁଛନ୍ତି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମେତ ଅନେକ କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ଯୋଜନା କହି ରାଜ୍ୟ ସରକାର ଆଦର୍ଶ ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଂଘନ କରୁଥିବା ଭାରତୀୟ ଜନତା ପାର୍ଟି କେନ୍ଦୁଝର ଜିଲା ଶାଖା ତରଫରୁ ଅଭିଯୋଗ କରାଯାଇଛି। ଏଭଳି ଅଭିଯୋଗ କରି ଶୁକ୍ରବାର ଜିଲାର ସମସ୍ତ ବ୍ଲକ କାର୍ଯ୍ୟାଳୟ ଘେରାଉ ହୋଇଥିବା ସୂଚନା ମିଳିଛି। ରାଜ୍ୟ ସରକାର କ୍ରମାଗତ ଭାବେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ନିଜ ନାମରେ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଥିବା ଭାଜପା ନେତାମାନେ ଅଭିଯୋଗ କରିଛନ୍ତି। ଓଡିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କାଘର ଯୋଜନାରେ ହେଉଛି ବୋଲି କହି ଭ୍ରମିତ କରୁଥିବା ଅଭିଯୋଗ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାଉସିଂ ଫର୍ ଅଲ୍ ୨୦୨୨ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବ୍ୟକ୍ତିମାନଙ୍କୁ ପକ୍କା ଘର ଯୋଗାଇ ଦିଆଯାଉଛି। ଏଭଳିସ୍ଥିତିରେ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କାଘର କହିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ ହୋଇଛି। ଟଙ୍କିଆ ଚାଉଳକୁ ମଧ୍ୟ ନିଜ ନାମରେ ନାମିତ କରିବାରେ ଅପଚେଷ୍ଟା ସରକାର କରି ଆସିଛନ୍ତି। ତେଣୁ ସରକାର ହୀନ ରାଜନୀତିରୁ ନିବୃତ୍ତ ରହି କେନ୍ଦ୍ର ସରକାରଙ୍କ ଅନୁଦାନକୁ ସ୍ୱୀକୃତି ଦେବା ସହ ସମସ୍ତ ବିଜ୍ଞାପନରେ କେନ୍ଦ୍ର ଭାଗିଦାରୀକୁ ସ୍ଥାନିତ କରିବାକୁ ରାଜ୍ୟ ସରକାରଙ୍କୁ ରାଜ୍ୟପାଳ ଆଦେଶ ପ୍ରଦାନ କରନ୍ତୁ ବୋଲି ଏହି ଅବସରରେ କେନ୍ଦୁଝର ଜିଲାର ସମସ୍ତ ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ସଦର ନିର୍ବାଚନ ମଣ୍ଡଳୀ ସଂଯୋଜକ ବିବେକାନନ୍ଦ ମହାନ୍ତ, ଜିଲା ଉପସଭାପତି ଦିଲୀପ କୁମାର ପଣ୍ଡା, ସାବିତ୍ରୀ ବିଶ୍ୱାଳ, ବରିଷ୍ଠ ଭାଜପା ନେତା ପୂର୍ବତନ କାଉନସିଲର ସୁରେଶ ପଟ୍ଟନାୟକ, ରାଇସୁଆଁ ମଣ୍ଡଳ ସଭାପତି ଧନୁର୍ଜୟ ମହାନ୍ତ, ନରଣପୁର ମଣ୍ଡଳ ସଭାପତି ବେଣୁଧର ମହାନ୍ତ, ପଳାଶପଙ୍ଗା ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତ, କିରଣ ଶଙ୍କର ସାହୁଙ୍କ ସମେତ ଶତାଧିକ ଭାଜପା ନେତା ଓ କର୍ମୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଦୁର୍ବୃତ୍ତ ଲୁଟିନେଲେ ଲକ୍ଷାଧିକ ଟଙ୍କା

ପାଟଣା ୨୭।୯(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ନିକଟରୁ ଶୁକ୍ରବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ଠାରୁ ଲକ୍ଷାଧିକ ଟଙ୍କା ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, କଇଣ୍ଡା ଗ୍ରାମର ମନୋରଞ୍ଜନ ସାହୁ ତୁରୁମୁଙ୍ଗା ବ୍ୟାଙ୍କ ଅଫ ଇଣ୍ଡିଆରୁ ୧ଲକ୍ଷ ୩୦ହଜାର ଟଙ୍କା ଉଠାଇବା ପରେ ତାଙ୍କ ସାଇକେଲ ହ୍ୟାଣ୍ଡେଲରେ ସେହି ଟଙ୍କା ଥିବା ବ୍ୟାଗକୁ ଝୁଲାଇ ନିଜ ଗାଁ କୁ ଫେରୁଥିଲେ। ତେବେ ତୁରୁମୁଙ୍ଗା ବିଦ୍ୟୁତ କାର୍ଯ୍ୟାଳୟ ନିକଟରେ ଜଣେ ଦୁର୍ବୃତ୍ତ ନାଲି ରଙ୍ଗର ଆପାଚି ବାଇକରେ ଆସି ଟଙ୍କା ଛଡାଇ ନେଇ କେନ୍ଦୁଝର ଆଡକୁ ଦ୍ରୁତ ଗତିରେ ଫେରାର ହୋଇ ଯାଇଛନ୍ତି। ଖବର ପାଇ ତୁରୁମୁଙ୍ଗା ପୋଲିସ ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ଅଞ୍ଚଳରେ ତଦନ୍ତ ଜୋରଦାର କରିଛି।

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ଯୋଡ଼ା, ୨୭।୯ (ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହରର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରୁ ରକ୍ତାକ୍ତ ଅବସ୍ଥାରେ ଆହତ ହୋଇଥିବା ମହିଳାଙ୍କୁ ଯୋଡା ପୋଲିସ ଉଦ୍ଧାର କରିଛି। ଖବର ନେବାରୁ ଜଣାପଡିଛି ଯେ, ହୁଡିସାହି ଅଞ୍ଚଳର ଜଣେ ମହିଳାଙ୍କ ସ୍ୱାମୀ ସହିତ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ତାଙ୍କ ସ୍ୱାମୀ ତାଙ୍କୁ ଆକ୍ରମଣ କରି ଲହୁ ଲୁହାଣ କରିଛନ୍ତି। ରକ୍ତାକ୍ତ ଅବସ୍ଥାରେ ମହିଳା ଜଣକ ନ୍ୟାୟ ପାଇଁ ଥାନାକୁ ଯାଉଥିବା ବେଳେ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେତୁ ସେ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ଭିତରକୁ ପଶିଯାଇଥିଲେ । ମନ୍ଦିରର ପୂଜକ ପ୍ରତାପ କୁମାର ଦାଶ ତୁରନ୍ତ ଏନେଇ ଯୋଡା ଥାନାରେ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କୁ ଡାକ୍ତରଖାନା ନେଇଥିଲା । ମହିଳାଙ୍କ ଅଭିଯୋଗ ଅନୁଯାୟୀ ତଦନ୍ତ ହେବ ବୋଲି ପୋଲିସ ସୂଚନା ଦେଇଛି ।

### ବସ୍ ଦୁର୍ଘଟଣା: ହେଲପର ଗୁରୁତର

ଯୋଡ଼ା, ୨୭।୯(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହରସ୍ଥିତ ଟିପିଏଲ ଶ୍ରମିକ କଲୋନୀଠାରେ ଏକ ବସ୍ ଦୁର୍ଘଟଣାରେ ବସ୍‌ର ହେଲପର ଗୁରୁତର ହୋଇଛନ୍ତି। ଖବର ନେବାରୁ ଜଣାପଡିଛି ଯେ, ଶୁକ୍ରବାର ସକାଳେ ଓଡି୦୯ବି ୯୮୫୪ ସାଇରାମ୍ ଟ୍ରାଭେଲ୍ସ ବସ୍ ଟି ଟିପିଏଲ କଲୋନୀ ମଧ୍ୟରେ ଯାନ୍ତ୍ରିକ ରକ୍ଷଣାବେକ୍ଷଣ କରୁଥିବା ବେଳେ ଡ୍ରାଇଭର ଏହାକୁ ପଛକୁ ନେଇଯାଇଥିଲେ । ଫଳରେ ପଛରେ ଥିବା ହେଲପର ସଚିନ ମହାନ୍ତଙ୍କ ଉପରେ ଏହା ମାଡି ଯାଇଥିଲା । ତାଙ୍କର ତଳିପେଟରେ ଆଘାତ ହୋଇ ରକ୍ତସ୍ରାବ ହୋଇଥିଲା । ସେଠାରୁ ତାଙ୍କୁ ଯୋଡା ଟାଟାଷ୍ଟିଲ ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ପରେ ତାଙ୍କୁ ଜାମସେଦପୁରସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜଙ୍ଗଲ ଜମି, ପଚ୍ଛାଜାଗା ଉପରେ କମ୍ପାନୀ କରୁଛି ରାସ୍ତା

**କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ଅଭିଯୋଗ**

ଝୁମ୍ପୁରା, ୨୭।୯ (ଡି.ଏନ.ଏ.)

ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତରେ ଆଦିବାସୀ ପ୍ରଜାଙ୍କ ଜଙ୍ଗଲ ଜମି, ପଚ୍ଛା ଜାଗା ଉପରେ ଏକ କମ୍ପାନୀ ରାସ୍ତା ତିଆରି କରି ଆଦିବାସୀ ପ୍ରଜାଙ୍କ ଉପରେ ଜୁଲମ ଚଳାଇଛି। ଶିକ୍ଷାର ଆଲୋକ ସ୍ପର୍ଶ କରି ନ ଥିବା, ଜଙ୍ଗଲ ମୁଲକରେ କୃଷିଜାତ ଦ୍ରବ୍ୟ ବିକ୍ରିବଟା ତଥା ଶ୍ରମଜୀବୀ ଭାବେ ଗୁଜୁରାଣ ମେଣ୍ଟାଉ ଥିବା କ୍ଷତିଗ୍ରସ୍ତ ପରିବାରଙ୍କୁ କମ୍ପାନୀର ଏହି ଅତ୍ୟାଚାର ବହୁତ ବାଧୁଛି। ଜଙ୍ଗଲ ଜମି, ପଚ୍ଛା ଜାଗା ଥିବା ଏବଂ ଏସାର କମ୍ପାନୀର ରାସ୍ତା ତିଆରି ହୋଇଥିବା କ୍ଷତିଗ୍ରସ୍ତ ପ୍ରଜା ସୁନାମଣୀ ମାଝି, ଶୁକ୍ରା ମୁଣ୍ଡା, ନନ୍ଦ କିଶୋର ମୁଣ୍ଡା, ଗୁରା ମୁଣ୍ଡା, ଜଗା ମୁଣ୍ଡା ଏ ନେଇ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ, ଏମାନଙ୍କ କଥା ଶୁଣାଯାଉ ନାହିଁ ଓଲଟି ପୋଲିସର ଭୟ କମ୍ପାନୀର କର୍ମଚାରୀ ଦେଖାଉଥିବା କ୍ଷତିଗ୍ରସ୍ତ ଲୋକେ କହିଛନ୍ତି।

ପ୍ରକାଶ ଯେ, ବସନ୍ତପୁର ପଞ୍ଚାୟତ ପାର୍ଶ୍ୱ କାଳିମାଟି ପଞ୍ଚାୟତର ଦବୁନା ଗ୍ରାମ ପାର୍ଶ୍ୱରେ କମ୍ପାନୀର ବେନିଫିକେଶନ ପ୍ଲାଣ୍ଟ ରହିଛି। ବେନିଫିକେଶନ ପ୍ଲାଣ୍ଟକୁ ପାଣି ଯୋଗାଇବା ପାଇଁ ବସନ୍ତପୁର ପଞ୍ଚାୟତର ବୈତରଣୀ ନଦୀ ପାର୍ଶ୍ୱରେ କମ୍ପାନୀ ପମ୍ପହାଉସ ନିର୍ମାଣ କରିଛି। ପ୍ଲାଣ୍ଟକୁ ଆଦିବାସୀଙ୍କ ଜଙ୍ଗଲ ଜମି ଓ ଜଙ୍ଗଲ ରାସ୍ତା ଦେଇ ପାଣି ଆସିବା ନେଇ ପାଇପ ବିଛାଇବା ସହିତ ପମ୍ପହାଉସକୁ ଯାନବାହନ ଚଳାଚଳ ପାଇଁ କମ୍ପାନୀ ରାସ୍ତା ମଧ୍ୟ ନିର୍ମାଣ କରିଛି। ଗୋଟିଏ ପକ୍ଷରେ ଆଦିବାସୀଙ୍କ ସୁରକ୍ଷା ତଥା ଜୀବନ ଜୀବିକାକୁ ବଞ୍ଚାଇବା ପାଇଁ ରାଜ୍ୟ ସରକାର ଜଙ୍ଗଲ ମୁଲକରେ ରହୁଥିବା ଆଦିବାସୀଙ୍କ ପାଇଁ ଜଙ୍ଗଲ ଜମି ଅଧିକାର ସ୍ୱତ୍ତ୍ୱ ଦେଉଥିବା ବେଳେ ମୁଷ୍ଟିମେୟ କମ୍ପାନୀ ବ୍ୟବସାୟୀ ଆଦିବାସୀଙ୍କୁ ସାମାନ୍ୟ କିଛି ପ୍ରଲୋଭନ ଦେଖାଇ ଜଙ୍ଗଲ ଜମି ପଚ୍ଛା ଜାଗାକୁ ମଧ୍ୟ ନିଜ ଦଖଲକୁ ନେଇ ଯାଉଛି। ନିୟମ ଅନୁଯାୟୀ ଜଙ୍ଗଲ ଜମି ଅଧିକାର ପାଇଥିବା ପରିବାର ଜଙ୍ଗଲ ଜମିକୁ ବିକ୍ରି କରିପାରିବେ ନାହିଁ। ହସ୍ତାନ୍ତର କରିପାରିବେ ନାହିଁ କି ସେହି ଜମି ଅନ୍ୟକୁ ଲିଜ ଆକାରରେ ଦେବେ ନାହିଁ। ହେଲେ ଏଠାରେ ଏ ସମସ୍ତ ନିୟମକୁ ଉଲ୍ଲଂଘନ କରାଯାଇ ସାମାନ୍ୟ କେତେ ଟଙ୍କାର ପ୍ରଲୋଭନ ଦେଖାଇ ଜଙ୍ଗଲ ଜମି ଉପରେ ଏସାର କମ୍ପାନୀ ରାସ୍ତା ତିଆରି କରିଛି। ୨୦୧୧-୧୨ ମସିହାରେ ନିଜ ସୁବିଧା ଅନୁଯାୟୀ ରାସ୍ତା ତିଆରି ବେଳେ ଗରିବ ଆଦିବାସୀ ପରିବାରର କେତେକ ସଦସ୍ୟଙ୍କୁ ପ୍ରଲୋଭନ ଦେଇ କମ୍ପାନୀ ନିଜ ପାଖରେ ରଖି କାମଧନ୍ଦା ଦେବା ସହିତ ସବୁ ସୁବିଧା ଦିଆଯିବ ବୋଲି କହିଥିଲା। ରାସ୍ତା ନିର୍ମାଣ ପରେ ବେଶ କିଛି ବର୍ଷ ହେଲା ସେ ସବୁ ବନ୍ଦ ହୋଇଯାଇଛି। ଅଭିଯୋଗ ଅନୁଯାୟୀ ସୁନାମଣୀ ମାଝୀ, ଖାତା ସଂଖ୍ୟା ୨୩୬, ପ୍ଲଟ ନଂ ୧୬୮୨/୨୩, ୧୬୮୨/୨୨, କିସମ -ଜଙ୍ଗଲ, ପରିମାଣ ୮୫ଡେସିମିଲ, ଶୁକ୍ରା ମୁଣ୍ଡା, ଖାତା ସଂଖ୍ୟା ୨୩୬, ପ୍ଲଟ ନଂ ୨୦୯୮/୭, କିସମ- ଜଙ୍ଗଲ, ପରିମାଣ ୪୦ ଡେସିମିଲ, ନନ୍ଦ କିଶୋର ମୁଣ୍ଡା, ଖାତା ସଂଖ୍ୟା ୨୩୬, ପ୍ଲଟ ନଂ ୨୦୯୮/୧, ୨୦୯୮/୯ କିସମ- ଜଙ୍ଗଲ, ପରିମାଣ ୩ ଏକର ଆଦି ଜଙ୍ଗଲ ଜମି ଅଧିକାରର ସରକାରୀ ସତ୍ତ୍ୱ ଥିବା ଜମି ରାସ୍ତା ନିର୍ମାଣରେ ବହୁ ପରିମାଣର କ୍ଷତି ହୋଇଛି।

ତେବେ ଏ ନେଇ ସମ୍ପୃକ୍ତ କମ୍ପାନୀ ଅଧିକାରୀଙ୍କର ମତାମତ ମିଳି ପାରି ନ ଥିବାବେଳେ ଆଦିବାସୀଙ୍କୁ ପୋଲିସର ଧମକ ଚମକ ସମ୍ପର୍କରେ ପଚାରିବାରୁ ବାମେବାରୀ ଥାନା ଅଧିକାରୀ ପରେଶ ମହାନ୍ତି ଏହାକୁ ଅସ୍ୱୀକାର କରିଛନ୍ତି। ଝୁମ୍ପୁରା ତହସିଲଦାର ଜନକ ନାୟକ କହିଛନ୍ତି, ଏନେଇ କୌଣସଲିଖିତ ଅଭିଯୋଗ ହୋଇ ନାହିଁ, ତଥାପି କ'ଣ ହୋଇଛି ଦେଖୁଛୁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଚକ୍ରଧର ମେମୋରିଆଲ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳି।

ଚମ୍ପୁଆ, ୨୭।୯(ଡି.ଏନ.ଏ)

ଚମ୍ପୁଆ ବ୍ଲକ ରଜିଆଠାରେ ରହଣି କ୍ଲବ ରଜିଆ ଆନୁକୂଲ୍ୟରେ ନବମ ଚକ୍ରଧର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବବି ଦାସ, ସ୍ଥାନୀୟ ସରପଞ୍ଚ ଜୟକିଶୋରୀ ନାଏକ, ଚମ୍ପୁଆ ଆଇଆଇସି ମନୋରଞ୍ଜନ ପ୍ରଧାନ, ସମିତି ସଭ୍ୟା ବିରଜା ବାସିନୀ ବେହେରା ପ୍ରମୁଖ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ତିନିଦିନ ଧରି ଅନୁଷ୍ଠିତ ଏହି ଫୁଟବଲ ପ୍ରତିଯୋଗିତାରେ ଓଡିଶା ଓ ଝାଡଖଣ୍ଡ ରାଜ୍ୟର ୩୨ ଗୋଟି ଦଳ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତାରେ ବିଜୟ ଦଳକୁ ୬୦ ହଜାର, ରନର୍ସଅପ ଦଳକୁ ୪୫ ହଜାର ଓ ତୃତୀୟ, ଚତୁର୍ଥ ଦଳକୁ ୨୦ ହଜାର ଲେଖାଏ ଟଙ୍କା ପୁରସ୍କାର ରଖାଯାଇଥିବା କମିଟି ସୂତ୍ରରୁ ପ୍ରକାଶ।

# ବୋନସ ଦାବିରେ ଟାଟା ଖଣିକୁ ଘେରିଲେ ଶ୍ରମିକ



ବୋନସ ଦାବିରେ ଟାଟା ଖଣି କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ଅଶାନ୍ତି।

ଯୋଡ଼ା ୨୭।୯ (ଡି.ଏନ.ଏ.)

**ସ୍ଥିତି ନିୟନ୍ତ୍ରଣ କଲା ପୋଲିସ**

କେନ୍ଦୁଝର ଜିଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବିଛାକୁଣ୍ଡି ଠାରେ ଟାଟା କମ୍ପାନୀର ମାଙ୍ଗାନିଜ ଖଣିକୁ ଶତାଧିକ ଶ୍ରମିକ ବୋନସ ଦାବିରେ ଶୁକ୍ରବାର ଘେରାଉ କରିଥିଲେ। କମ୍ପାନୀ ଦ୍ୱାରା ନିଯୁକ୍ତ ଠିକାସଂସ୍ଥା ଶ୍ରମିକମାନଙ୍କୁ ଶୋଷଣ କରୁଛି ବୋଲି ସେମାନେ ମଧ୍ୟ ଖବରଦାତାଙ୍କ ସମ୍ମୁଖରେ ଅଭିଯୋଗ କରିଛନ୍ତି।

ପ୍ରାୟ ୮ଶହରୁ ଊର୍ଦ୍ଧ୍ୱ ଶ୍ରମିକ ଟାଟା କମ୍ପାନୀର ବିଛାକୁଣ୍ଡିସ୍ଥିତ ଖଣି କାର୍ଯ୍ୟାଳୟକୁ ଘେରାଉ କରି ଦର୍ଶାଇଥିଲେ ଯେ କମ୍ପାନୀ ଦ୍ୱାରା ନିଯୁକ୍ତ ଖଣି ଠିକାଦାର ସଂସ୍ଥା କରୋନେଶନ ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡ୍ ଟାଟା ଖଣିରେ କାର୍ଯ୍ୟ କରୁଥିବା ଖଣି ଶ୍ରମିକମାନଙ୍କୁ ଶତକଡା ୮.୩୩ ବୋନସ ପ୍ରଦାନ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏଥିରେ ଶ୍ରମିକମାନେ ଆପତ୍ତି ଏବଂ ଅଭିଯୋଗ କରିଥିଲେ। ଠିକାସଂସ୍ଥା ଏହି ଆପତ୍ତି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି ନିଜ ନିଷ୍ପତ୍ତିରେ ଅଟଳ ରହିଥିଲା । ଏହି ପରିପ୍ରେକ୍ଷୀରେ ସେଠାରେ ଶ୍ରମିକ ଅଶାନ୍ତି ଉଗ୍ରରୂପ ଧାରଣ କରିଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ଯୋଡା ପୋଲିସ ଆଇଆଇସି ବିଜୟକୃଷ୍ଣ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ଖଣିରେ କାର୍ଯ୍ୟ କରୁଥିବା ମହିଳା ଶ୍ରମିକ ଲକ୍ଷ୍ମୀ ଓରାମ, ନନିତା ମୁଣ୍ଡା, ନିରୁପମା ପାତ୍ର, ମକର ଓରାମ୍, କୁଲିଆ ନାଏକ କହିଛନ୍ତି ଯେ, ଠିକା ମଜୁରିଆ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ କେନ୍ଦ୍ର ସରକାରଙ୍କର ଧାର୍ଯ୍ୟ ପାଉଣା ଦିଆଯାଉନାହିଁ। ନିକଟରେ ଥିବା ଅନ୍ୟ ଖଣି କମ୍ପାନୀ ଓ ଠିକାସଂସ୍ଥାମାନେ ବୋନସ ପ୍ରାୟ ଶତକଡା ୨୪ ପ୍ରତିଶତ ଦେଉଥିବା ବେଳେ ବିଛାକୁଣ୍ଡିର ଏହି ଠିକାସଂସ୍ଥା ଶ୍ରମିକମାନଙ୍କୁ ବିଭିନ୍ନ ଆଳ ଦେଖାଇ ଠକି ଚାଲିଛି। ଏ ନେଇ ଶ୍ରମିକଙ୍କ ପକ୍ଷରୁ ମଞ୍ଜୁ ଓରାମ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ଅନୁରୂପ ପ୍ରତିକ୍ରିୟା ରଖିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଠିକାସଂସ୍ଥାର ଅଧିକାରୀ ଅନୁଭବ ଦତ୍ତଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଟାଟା କମ୍ପାନୀର କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଆଶିଷ କୁମାର ଆଚାର୍ଯ୍ୟଙ୍କୁ ପଚାରିବାରୁ କରୋନେଶନ ଇନ୍‌ଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡ୍ ଠିକାସଂସ୍ଥାର ଶ୍ରମିକମାନେ ଶତକଡା ୨୦ ରୁ ୨୫ ପ୍ରତିଶତ ବୋନସ ଦାବି କରି ବିକ୍ଷୋଭ କରିଥିଲେ । ହେଲେ ସରକାରଙ୍କ ବୈଧାନିକ ନିୟମ ଅନୁଯାୟୀ ଠିକାସଂସ୍ଥା ଶତକଡା ୮.୩୩ ପ୍ରତିଶତ ବୋନସ ପୈଠ କରିବାର ନିଷ୍ପତ୍ତି ନେଇଛି। ବଜାର ମାନ୍ଦା ଥିବାରୁ ଏହାର ପ୍ରଭାବ ଖଣି କ୍ଷେତ୍ରରେ ପଡିଛି ।

# କୁରାଢ଼ିଘଷା, କାନପୁରରେ ଦୁର୍ଗାପୂଜା ବୈଠକ

ବଉଳା, ୨୭।୯ (ଡି.ଏନ.ଏ.)

ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତର କାନପୁର କାହ୍ନେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂଜା କମିଟିର ସଭାପତି ନୀଳମଣି ଧଳଙ୍କ ସଭାପତିତ୍ୱରେ ଏହି ବୈଠକରେ ଦୁର୍ଗାପୂଜାକୁ କିପରି ସୂଚାରୁପେ ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। କମିଟିର ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ, କୋଷାଧ୍ୟକ୍ଷ ଉପେନ୍ଦ୍ର ବେହେରା, ଧନେଶ୍ୱର ଧଳ, ଜର୍ମାନୀ ଖମାରୀ, ବିଶ୍ୱନାଥ ଖମାରୀ, ରବୀନ୍ଦ୍ର ରାଉତ, ଜଗବନ୍ଧୁ ବେହେରା, ୱାର୍ଡସଭ୍ୟ ଶତ୍ରୁଘ୍ନ ମହାରଣା, ବସନ୍ତଧଳ, ଶଶିଭୂଷଣ ଜେନା, ଅଶୋକ ସେଣ, ଅମର ଜେନା, ଗୌରା ବାରିକ, କମଳାକାନ୍ତ ଧଳ, ବିଜୟ କୁମାର ଜେନା ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ସେହିପରି ପଡ଼ିଆରପଲ୍ଲୀ ପଞ୍ଚାୟତ କୁରାଢ଼ିଘଷାରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ହୋଇଛି। ସଭାପତି ସୁଧାଂଶୁ ଦାଶଙ୍କ ସଭାପତିତ୍ୱରେ ସମ୍ପାଦକ ବ୍ରହ୍ମାନନ୍ଦ ବେହେରା, ଶିବ ପ୍ରସାଦ ବେହେରା, ସହସମ୍ପାଦକ ସୁରଜ ବେହେରା ପ୍ରମୁଖ ବହୁ ଗ୍ରାମବାସୀ ଓ ଯୁବକ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

ହାଟଡିହୀ, ୨୭।୯(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଭାଜପା ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶୁକ୍ରବାର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀଙ୍କ ନେତୃତ୍ୱରେ ଜିଲାପରିଷଦ ସଭ୍ୟା ଟିଙ୍କି କିସ୍କୁ, ହରମୋହନ ଶାସିନୀ, ଜ୍ଞାନ ରଞ୍ଜନ ସାମନ୍ତସିଂହାର, କୈଳାସ ସାମଲ, ବିଜୟ ରାଉତ, ସୁଶାନ୍ତ ଜେନା, ମଧୁସୂଦନ ରାଉତ, ବଳଭଦ୍ର ବାରିକ, ରବୀନ୍ଦ୍ର ମଲ୍ଲିକ, ସୁବାସ ଦାସ, ରଞ୍ଜନ ଜେନା, ଶତ୍ରୁଘ୍ନ ଦାସ, ନନ୍ଦ କିଶୋର ଜେନା, ସୁଭଦ୍ରା ବଳିଆରସିଂହ, ଜଗା ଦେବତା, ବାବାଜୀ ବାରିକ, ନାରାୟଣ ରାଉତ, ବିଶ୍ୱାନାଥ ଖମାରୀ, ସୁରେନ୍ଦ୍ର ଦାସ, ପ୍ରଭାତୀ ରାଉତ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାର ଭାଜପା କର୍ମୀ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନାମକୁ କାଟି ମିଛ ବିଜ୍ଞାପନ ଜରିଆରେ ରାଜ୍ୟ ସରକାର ଆଦର୍ଶ ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଂଘନ କରୁଥିବା ବିରୋଧରେ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ୨୦୧୧ ଜନଗଣନା ଲିଷ୍ଟ ଅନୁଯାୟୀ ଗରିବ ହିତାଧିକାରୀଙ୍କ ସୂଚୀ ତଦାରଖ କରିବାରେ ବ୍ୟତିକ୍ରମ, ସୂଚୀକୁ ଦଳୀୟ ଆଧାରରେ ତିଆରି କରାଯିବା, କାର୍ଯ୍ୟାଦେଶ ପାଇଁ ଅର୍ଥ କାରବାର, କାର୍ଯ୍ୟାଦେଶରେ ପ୍ରଧାନମନ୍ତ୍ରୀ ଆବାସ ଉଲ୍ଲେଖ କରିବା ପ୍ରଭୃତି ଦାବି ଉଲ୍ଲେଖ ରହିଛି।

# ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନ ୨୯ରେ

ଢେଙ୍କିକୋଟ, ୨୭।୯(ଡି.ଏନ୍.ଏ.)

ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ଶାରଦୀୟ ସମାରୋହ ଆସନ୍ତା ରବିବାର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ ବୋଲି ଏହାର ସଭାପତି ନୃସିଂହନାଥ ସିଂହ ପ୍ରକାଶ କରିଛନ୍ତି। ଏହା କେନ୍ଦୁଝର ଢେଙ୍କିକୋଟ ଏବଂ ପାଟଣାର ମଧ୍ୟମସ୍ଥଳ ପିପିଳିଆସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହେବ। ବିଶେଷ ଆଞ୍ଚଳିକ ସାରସ୍ୱତ ସମାରୋହରେ କବିତା ପାଠୋତ୍ସବରେ ଉଭୟ ପ୍ରବୀଣ ନବୀନ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିବାର କାର୍ଯ୍ୟକ୍ରମ ରହିଛି। ଆଲୋଚନାଚକ୍ରରେ ଜିଲାର ବରିଷ୍ଠ ସାହିତ୍ୟିକମାନେ ଅଂଶଗ୍ରହଣ କରିପାରିବେ ବୋଲି ମତପ୍ରକାଶ ପାଇଛି। ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତିର ସମ୍ମେଳନର ସାଧାରଣ ସମ୍ପାଦକ ଡକ୍ଟର ଭାଗବତ ଲେଙ୍କା ଜଣାଇଛନ୍ତି କି ଏହା ଏକଦିବସୀୟ ହୋଇଥିବାରୁ ସ୍ୱଳ୍ପ ସମୟସୀମା ମଧ୍ୟରେ କବିତା ପାଠୋତ୍ସବକୁ ସମାପନ କରିବା ଲକ୍ଷ୍ୟ ରଖାଯିବା ଆବଶ୍ୟକ।

# ସରପଞ୍ଚଙ୍କ ବିରୋଧରେ ୭ ୱାର୍ଡମେମ୍ବରଙ୍କ ଅନାସ୍ଥା

କେନ୍ଦୁଝର, ୨୭।୯(ଡି.ଏନ.ଏ.)

କେନ୍ଦୁଝର ଜିଲାର ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପରେ ଅନାସ୍ଥା ପ୍ରସ୍ତାବ ଦାଖଲ ହୋଇଚାଲିଛି। ଏହିକ୍ରମରେ ଶୁକ୍ରବାର ହରିଚନ୍ଦନପୁର ବ୍ଲକ ହୁଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ୭ଜଣ ୱାର୍ଡମେମ୍ବର କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁଙ୍କଠାରେ ଅନାସ୍ଥା ପ୍ରସ୍ତାବ ଦାଖଲ କରିଛନ୍ତି। ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରା ନ ଯାଇ ଲକ୍ଷାଧିକ ଟଙ୍କାର ସରକାରୀ ଅନୁଦାନ ପଡି ରହିବା, ଉନ୍ନୟନ କାର୍ଯ୍ୟରେ ୱାର୍ଡମେମ୍ବରମାନଙ୍କୁ ସାମିଲ ନକରିବା,ଗ୍ରାମସଭା କରା ନ ଯାଇ ନିଜ ଇଚ୍ଛାରେ କାର୍ଯ୍ୟକରିବା,ବାର୍ଷିକ ଯୋଜନା ପ୍ରସ୍ତୁତିରେ ଅନିୟମିତତା, ଆବାସ ଗୃହ ଭଳି ଅନେକ ଯୋଜନାରେ ସରପଞ୍ଚ ନିଜ ଇଚ୍ଛାରେ କରୁଥିବା ଯୋଗୁଁ ସେ ଆଉ ସରପଞ୍ଚ ପଦବୀରେ ରହିବା ଯୋଗ୍ୟତା ହରାଇଛନ୍ତି ବୋଲି ଉକ୍ତ ୱାର୍ଡମେମ୍ବରମାନେ ଅଭିଯୋଗ କରିବା ସହ ସରପଞ୍ଚ ମୈଥିଳି ଅମାନ୍ତଙ୍କ ବିରୋଧରେ ଶୁକ୍ରବାର ଅନାସ୍ଥାପ୍ରସ୍ତାବ ଦାଖଲ କରାଯାଇଛି।

# ଚାରାରୋପଣ କାର୍ଯ୍ୟକ୍ରମ ପ୍ରହସନ

ଚମ୍ପୁଆ, ୨୭।୯(ଡି.ଏନ.ଏ.)

ବୃକ୍ଷ ବଞ୍ଚିଲେ ମଣିଷ ସମାଜ ବଞ୍ଚିବ। ଏହି ନାରା ଏବେ ସାରା ବିଶ୍ୱରେ ଶୁଭୁ ଥିବାବେଳେ ବିଶ୍ୱ ସମୁଦାୟ ଚାରାରୋପଣ କାର୍ଯ୍ୟକୁ ସମସ୍ତ ପ୍ରଶାସନ ଯୋଗାଇ ଆସୁଛନ୍ତି। ବିଦ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ଏବେ ଆଗକୁ ଆସି ଚାରାରୋପଣ କରୁଛନ୍ତି। ମାତ୍ର ଅନେକ ସ୍ଥାନରେ ଏହି ଚାରାରୋପଣ କେବଳ କାଗଜପତ୍ର ହେଉ ବା ସୋସିଆଲ ମିଡିଆରେ ସୀମିତ ରହୁଛି।ଚାରାରୋପଣ କରାଯାଉଛି ସତ, ହେଲେ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ୪ ମାସ ପରେ ଯଥା ପୂର୍ବଂ ତଥା ପର ସ୍ଥିତି ଦେଖିବାକୁ ମିଳିଛି। ଯାହାର ଉଦାହରଣ ପାଲଟିଛି ଚମ୍ପୁଆ ବ୍ଲକ କୋଦଗାଡିଆ ପଞ୍ଚାୟତର ଟିମିଳା ଷ୍ଟାଡିୟମଠାରେ ଏକ କମ୍ପାନୀ ଦ୍ୱାରା କରାଯାଇଥିବା ଚାରାରୋପଣ କାର୍ଯ୍ୟକ୍ରମ। ସୂଚନା ଅନୁସାରେ ଚଳିତ ବର୍ଷ ଜୁନରେ କୋଦଗାଡିଆ ପଞ୍ଚାୟତର ମିରିଗିସିଙ୍ଗାଠାରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ କରୁଥିବା ଏକ କମ୍ପାନୀ ଟିମିଳା ଷ୍ଟାଡିୟମଠାରେ ବନୀକରଣ କରିଥିଲା। ବନ ବିଭାଗଠାରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଗଛ ଚାରା ନେଇ ଷ୍ଟାଡିୟମ ପରିସରରେ କମ୍ପାନୀର ଉଚ୍ଚ ପଦାଧିକାରୀଙ୍କ ଉପସ୍ଥିତିରେ ଚାରାରୋପଣ କରାଯାଇଥିଲା। ମାତ୍ର ୪ ମାସ ପରେ ଉକ୍ତ ଷ୍ଟାଡିୟମରେ ଗୋଟିଏ ମଧ୍ୟ ଗଛ ନ ଥିବା ଦେଖିବାକୁ ମିଳିଥିଲା। ରକ୍ଷାଣବେକ୍ଷଣ ଅଭାବରୁ ଗଛ ଲଗାଇବା ପରେ ବାଡଦିଆ, ଜଗାରଖା କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ହୋଇଥିବା ଜଣାଯାଇଛି। ଏ ସମ୍ପର୍କରେ ଚମ୍ପୁଆ ରେଞ୍ଜର ଘାସିନାଥ ପାତ୍ରଙ୍କୁ ପଚାରିବାରୁ କମ୍ପାନୀ ଆମଠାରୁ ଗଛନେଇ ଲଗାଇଥିଲା ସତ। ମାତ୍ର ଗଛ ଲଗାଇ ଜଗାରଖା ତଥା ବାଡ ଘେରା କରିବା କଥା। ତାହା କରା ନ ଯିବାରୁ ଗଛ ଗୁଡିକ ନଷ୍ଟ ହୋଇଯାଇଛି। କମ୍ପାନୀ ନିକଟ ଭବିଷ୍ୟତରେ ଚାରାରୋପଣ କରିବ ପ୍ରତିଶ୍ରୁତି ଦେଇଛି ବୋଲି ସୂଚନା ଦେଇଥିଲେ।

# ଡାକ୍ତର ନାହାନ୍ତି ମିଳୁନି ସ୍ୱାସ୍ଥ୍ୟସେବା

ତେଲକୋଇ, ୨୭।୯(ଡି.ଏନ.ଏ.)

ତେଲକୋଇ ବ୍ଲକ ଅନ୍ତର୍ଗତ କରମଙ୍ଗୀ ପଞ୍ଚାୟତର କୃଷ୍ଣପୁରଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ତେବେ ଦୀର୍ଘଦିନ ହେବ ଡାକ୍ତର ନ ଥିବା ଯୋଗୁ ଜଣେ ପିଅନ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ ଚାଲିଛି। ଏଥିଯୋଗୁ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଥିବା ବେଳେ କୃଷ୍ଣପୁରଠାରେ ଥିବା ଆଦିବାସୀ ଉଚ୍ଚ ବିଦ୍ୟାଳୟ ଓ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେବା ଅଭିଯୋଗ ହୋଇଛି। କୃଷ୍ଣପୁରଠାରୁ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ର ୧୮ କି.ମି. ଦୂର ହୋଇଥିବା ବେଳେ ମୋବାଇଲ ସେବା ନ ଥିବା ଯୋଗୁ ଗୁରୁତର ରୋଗୀଙ୍କୁ ଭଡ଼ାଗାଡି ଯୋଗେ ତେଲକୋଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଉଥିବା ସ୍ଥାନୀୟ ସରପଞ୍ଚ କହିଛନ୍ତି । ଦୀର୍ଘଦିନ ହେବ ଡାକ୍ତର ନ ଥିବା ଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ଆସୁ ନ ଥିବା ସରପଞ୍ଚ ରଞ୍ଜିତା ନାୟକ ପ୍ରକାଶ କରିଛନ୍ତି। ଏପରିସ୍ଥଳେ ଆଦିବାସୀ ମହିଳା ଉଚ୍ଚ ବିଦ୍ୟାଳୟରେ ୨୮୦ ଛାତ୍ରୀ ରହୁଥିବା ଯୋଗୁ ସେମାନଙ୍କର ଦେହ ଖରାପ ହେଲେ ତାଙ୍କୁ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରିବାକୁ ବାଧ୍ୟ ହେଉଥିବା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କହିଛନ୍ତି। ତେବେ ଏହି ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବା ନେଇ ବିଭିନ୍ନ ସମୟରେ ଗ୍ରାମବାସୀ ସମେତ ୩ଟି ପଞ୍ଚାୟତବାସୀ ଜିଲା ପ୍ରଶାସନଙ୍କୁ ଅଭିଯୋଗ କରି ବିଫଳ ହେଉଛନ୍ତି। ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ନିଯୁକ୍ତି କରିବାକୁ ଦାବି ହେଉଛି।




କୃଷ୍ଣପୁର ସ୍ୱାସ୍ଥ୍ୟକେନ୍ଦ୍ର।

# ବର୍ଷା ହେଲେ ଏନଏସିବାସୀ ପିଉଛନ୍ତି ଗୋଳିଆ ପାଣି

ଚମ୍ପୁଆ, ୨୭।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆରେ ଏନଏସି ଗଠନ ପରେ ୱାର୍ଡବାସୀଙ୍କୁ ଆବଶ୍ୟକ ମୌଳିକ ସୁବିଧାକୁ ଅଗ୍ରାଧିକାର ମିଳିବ ବୋଲି ଯେଉଁ ଆଶା ରଖାଯାଇଥିଲା ତାହା ବିପରୀତମୁଖୀ ହେବାକୁ ଲାଗିଛି। ଅତି ଆବଶ୍ୟକ ସେବା ମଧ୍ୟରେ ରାସ୍ତା ଘାଟ, ବିଜୁଳି ଓ ପାନୀୟ ଜଳ ରହିଥିବା ବେଳେ ବର୍ଷା ଦିନେ ଏନଏସି ବାସୀ ଗୋଳିଆ ପାଣି ପିଉଥିବା ଅଭିଯୋଗ ହେଉଛି। ସୁସ୍ଥ ପାନୀୟ ଜଳ ଯୋଗାଇବାରେ ଜନ ସ୍ୱାସ୍ଥ୍ୟ ବିଭାଗ ବିଫଳ ହେଉଥିବା ଦେଖିବାକୁ ମିଳିଛି। ପାନୀୟ ଜଳ ନାରେ କେବଳ ଗୋଳିଆ ପାଣି ବ୍ୟବହାର କରିବାକୁ ଏନଏସିବାସୀ ବାଧ୍ୟ ହେଉଛନ୍ତି।

ସୂଚନା ଅନୁସାରେ ଚମ୍ପୁଆ ଏନ୍‌ଏସି ଗଠନ ପରେ ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୩ଗୋଟି ୱାର୍ଡକୁ ପାନୀୟ ଜଳ ପ୍ରଦାନ ପାଇଁ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଚମ୍ପୁଆ ଜନ ସ୍ୱାସ୍ଥ୍ୟ ବିଭାଗ ନିକଟରେ ୨୦୧୬ ମସିହାରେ ଏକ ମାଇନିଂ ଦ୍ୱାରା ୮ ଲକ୍ଷ କ୍ଷମତା ବିଶିଷ୍ଟ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହାର ଇନଟେକୱେଲ ବୈତରଣୀ ନଦୀ ନିକଟରେ ସ୍ଥାପନ କରାଯାଇ କିଛି ଦିନ ପର୍ଯ୍ୟନ୍ତ ସ୍ୱଚ୍ଛ ପାନୀୟ ଜଳ ଫିଲଟରାଇଜ କରି ଯୋଗାଇ ଆସୁଥିଲେ। ମାତ୍ର ଚଳିତ ବର୍ଷା ଋତୁ ଆରମ୍ଭରୁ ଏଥିରେ ଗୋଳିଆ ପାଣି ଆସୁଛି। ଏହି ପାଣି କୌଣସି ପାତ୍ରରେ ରଖିଲେ ତଳେ କାଦୁଅ ଅଂଶ ବସିରହୁଥିବା ଦେଖିବାକୁ ମିଳୁଛି। ଅନେକେ ଏହାକୁ ଛାଣି ଫୁଟାଇ ପିଉଥିବା ବେଳେ କିଛି ଲୋକ ଏହା ସିଧାସଳଖ ବ୍ୟବହାର କରୁଛନ୍ତି। ତେବେ ବର୍ଷା ଦିନରେ ଜଳଜନିତ ରୋଗ ବ୍ୟାପିବାରେ ସମ୍ଭାବନା ରହିଥିବା ବେଳେ ପାଇପ ଯୋଗେ ଯୋଗାହେଉଥିବା ଗୋଳିଆ ପାନୀୟ ଜଳ କେତେ ସୁରକ୍ଷିତ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ହୃଷୀକେଶ ମହାନ୍ତଙ୍କୁ ପଚାରିବାରୁ ବୈତରଣୀ ନଦୀରେ କମ୍ପାନୀ ପକ୍ଷରୁ କରାଯାଇଥିବା ଇନଟେକ ୱେଲର ଗୋଟିଏ ଫିଲଟର ଖରାପ ହୋଇଯାଇଛି। ଆମେ ଆଲମ ଓ ବ୍ଲିଚିଙ୍ଗ ପକାଇ ପାଣିକୁ ପାନୀୟ ଜଳ ଉପଯୋଗୀ କରୁଥିଲେ ମଧ୍ୟ ତାହା ପରିବର୍ତ୍ତନ ହୋଇପାରୁନାହିଁ। ଆଲାମ ଓ ବ୍ଲିଚିଙ୍ଗ ପକାଇ ପାଣିକି ଏକରୁ ଦୁଇ ଘଣ୍ଟା ରଖିବା କଥା, ମାତ୍ର ଲୋକଙ୍କୁ ପାନୀୟ ଜଳ ଯୋଗାଇବା ଦ୍ୱାରା ପର୍ଯ୍ୟାପ୍ତ ସମୟ ମିଳିପାରୁନାହିଁ। ଆଗାମୀ ଦିନରେ ଏହାର ସୁବ୍ୟବସ୍ଥା କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ଗୋଳିଆପାଣି ଥିବା ବୋତଲ।